

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ


ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in


ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ



IAS COLLECTOR

PARUL PATAWARI


| Vol.5 | Issue- 48 | May 9 to 15, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୪୮ | ମଇ ୯ ରୁ ୧୫, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ନବୀନଙ୍କ ନିର୍ବାଚନୀ ଇସ୍ତାହାର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେଡିର ପଞ୍ଚମପାଳି ସରକାରଙ୍କୁ ୩ବର୍ଷ ପୂରିବ ଆସନ୍ତା ୨୯ ତାରିଖରେ। ଏ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ରେ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ସମୀକ୍ଷା କରିବେ। କେଉଁ ବିଭାଗ କେତେ ପ୍ରତିଶ୍ରୁତି ପାଳନ କରିଛି, ତାହା ପରଖିବେ। ନବୀନ ମାଗିଛନ୍ତି ହିସାବ। ସବୁ ବିଭାଗକୁ ଚିଠି ପଠାଯାଇଛି। ପ୍ରତିଶ୍ରୁତି କେତେ ପାଳନ କରିଛି, ଶୀଘ୍ର ରିପୋର୍ଟ ଦାଖଲ କର।



୨୦୧୯ ସାଧାରଣ ନିର୍ବାଚନରେ ଶାସକ ବିଜେଡି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି(ଇସ୍ତାହାର)କୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗର ଗତ ୩ବର୍ଷ ମଧ୍ୟରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି, ତା'ର ହିସାବ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନବୀନଙ୍କ ନେତୃତ୍ୱରେ ୨୦୧୯ରେ ବିଜେଡି କ୍ରମାଗତ ପଞ୍ଚମ ଥର ସରକାର ଗଢିଥିଲା। ଶପଥ ନେବା ଦିନ ହିଁ ରାଜ୍ୟ ମନ୍ତ୍ରୀପରିଷଦ ବୈଠକ ଡାକି ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଦେଇଥିବା ନିର୍ବାଚନୀ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗ କେଉଁସବୁ ପଦକ୍ଷେପ ନେଇଛନ୍ତି, ବର୍ତ୍ତମାନର ସ୍ଥିତାବସ୍ଥା କ'ଣ ତାହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

କୃଷିକୁ ଜଳସେଚନ, ମିଶନ ଶକ୍ତି, ଆଦର୍ଶ ବିଦ୍ୟାଳୟ, ମୋ' ସ୍କୁଲ, ପଛୁଆ ବର୍ଗ କମିଶନର ପୁନଃଗଠନ, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା ନେଇ ବିଏସ୍‌କେୱାଇ ଯୋଜନା, ଗାଁରେ ପକ୍କା ଘର ନିର୍ମାଣ, ଜାଗା ମିଶନ ଓ ଆବାସ, ବିଜୁ ଏକ୍ସପ୍ରେସ ୱେ, ବିଜୁ ସେତୁ ଯୋଜନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ କି ପଦକ୍ଷେପ ଗତ ମାର୍ଚ୍ଚ ପର୍ଯ୍ୟନ୍ତ ନିଆଯାଇଛି, ତାହାର ହିସାବ ମଗାଯାଇଛି। ୧୩ଟି ବିଭାଗର ୩୨ଟି ପ୍ରତିଶ୍ରୁତିର ସମୀକ୍ଷା କରିବେ ନବୀନ।

## ଦିଲ୍ଲୀ ଗଲେ କଂଗ୍ରେସ ନେତା
## ଘୋଷଣା ହୋଇପାରେ ପିସିସି ସଭାପତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦିଲ୍ଲୀ ଗଲେ କଂଗ୍ରେସ ନେତା। ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକଙ୍କ ସହ ଜୟଦେବ ଜେନା, ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁର ରାଉତରାୟ, ମହମ୍ମଦ ମୋକିମ ଓ ବିଧାୟକ ରମେଶ ଜେନା ପ୍ରମୁଖ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା କାଲି ରାହୁଲ ଓ ସୋନିଆଙ୍କୁ ଭେଟିବେ କଂଗ୍ରେସ ନେତା। ଏହି ବେଠକରେ ପିସିସି ସଭାପତି ବିଧାୟକ ଦଳ ନେତା ପରିବର୍ତ୍ତନ ସହ ୨୦୨୪ ପୂର୍ବରୁ ସଙ୍ଗଠନ ସୁଦୃଢ଼ ନିମନ୍ତେ ବ୍ୟାପକ



ଆଲୋଚନା କରିବେ।

ପ୍ରକାଶ ଥାଉକି ଓଡ଼ିଶାରେ ବର୍ତ୍ତମାନ ଦୁର୍ବଳ ସ୍ଥିତିରେ ଅଛି କଂଗ୍ରେସ। ତେଣୁ ୨୦୨୪ ପୂର୍ବରୁ ଦଳକୁ ସୁଦୃଢ଼ କରିବା ପାଇଁ ଏହି ବୈଠକ ଡକାଯାଇଛି ବୋଲି କୁହାଯାଇଛି। ଅପର ପକ୍ଷରେ ଏହି ବୈଠକରେ ପିସିସି ସଭାପତି ମଧ୍ୟ ଚୟନ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜଣେ ଯୁବ ଗର୍ବଙ୍କୁ ପିସିସି ସଭାପତି ହେଲେ ଭଲ ହେବ ବୋଲି କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ କହିଛନ୍ତି। ହେଲେ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାହା ମାନ୍ୟ ବୋଲି ଦଳୀୟ ନେତାମାନେ କହିଛନ୍ତି।

## ହେଲ୍‌ମେଟ୍ ନାହିଁ ତ ନିସ୍ତାର ନାହିଁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିନା ହେଲ୍‌ମେଟ୍‌ରେ ଗାଡି ଚଳାଉଥିଲେ ସାବଧାନ। ଏଥର ଆଉ ମାଫ୍ ନାହିଁ। ରାଜ୍ୟ ସରକାରଙ୍କ ସଡକ ଓ ପରିବହନ ଆୟୁକ୍ତଙ୍କ ପକ୍ଷରୁ ଏ ନେଇ ଜାରି ହୋଇଛି ନିର୍ଦ୍ଦେଶନାମା। ପରିବହନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଆର୍‌ଟିଓଙ୍କୁ ଚିଠି କରାଯାଇଛି। ଆସନ୍ତା ୧୫ ତାରିଖରୁ ରାଜ୍ୟର ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ହେଲ୍‌ମେଟ୍ ଯାଞ୍ଚ କରାଯିବ। ଏହି ଅଭିଯାନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପରିବହନ ବିଭାଗ କମିଶନର ସ୍ପଷ୍ଟ କରିଛନ୍ତି।

ଏଥର ଅମାନିଆ ଗାଡି ଚାଳକଙ୍କୁ ଆଉ ମାଫ୍ କରାଯିବନି। ମୁଣ୍ଡରେ ହେଲ୍‌ମେଟ୍ ନ ଥିଲେ ଚାଲାଣ କଟିବା ସହିତ ବାଇକ୍ ଚାଳକଙ୍କ ଲାଇସେନ୍ସକୁ ୩ ମାସ ପାଇଁ ବାତିଲ୍ କରିଦିଆଯିବ। (ପୃଷ୍ଠା-୨)



## ଭୁବନେଶ୍ୱରରେ ଗରିବଙ୍କୁ 'ମୋ ବସ୍' ମନା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାବୁ ଟଙ୍କା ଦେମି, ଟିକେ ବରମୁଣ୍ଡା ନେଇ ଯା...। ମୋ ପାଖେ ଟଙ୍କା ଅଛି, କେତେ କହ.। ମୋତେ ଟିକେ ଛାଡିଦେ। ପିଲା ୨ଟାକୁ ଧରି ଏତେ ଖରାରେ କେମିତି ଯିବି। ଟିକେ ଦୟାକର ବାବୁ। ମାଷ୍ଟରକ୍ୟାଣ୍ଟିନ୍ ସିଟିବସ୍‌ଷ୍ଟାଣ୍ଡରେ ଏମିତି ଗୁହାରି କରୁଥିଲେ ଜଣେ ମହିଳା। ଚିରାଫଟା ପୋଷାକ ପିନ୍ଧି ଥିବା ଏହି ମହିଳା ଜଣକ ଏକ ଶିଶୁକୁ କାଖେଇଥିଲେ। ହାତରେ ଆଉ ଜଣେ ୩ ବର୍ଷର ଶିଶୁର ହାତ ଧରିଥିଲେ। ଏତେ ନେହୁରା ସତ୍ତ୍ୱେ ବସ କଣ୍ଡକ୍ଟର ତାଙ୍କୁ ବସ୍‌ରେ ଚଢିବାକୁ ଦେଇନଥିଲେ। ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଭୁବନେଶ୍ୱର ସିଟି ବସ୍‌ଷ୍ଟାଣ୍ଡରେ। (ପୃଷ୍ଠା-୨)

# ଉତ୍କଳ ବିଶ୍ୱବିଦ୍ୟାଳୟଙ୍କୁ ଉଚ୍ଚଶିକ୍ଷା ସଚିବଙ୍କ ତାଗିଦ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ୫୦୦ କୋଟିରୁ ଅଧିକ ଟଙ୍କା ପଡିରହିଛି। ଏହି ଅର୍ଥ ଏଯାବତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଖର୍ଚ୍ଚ କରିପାରୁନାହାଁନ୍ତି। ଅନ୍ୟପକ୍ଷରେ, ଭିତ୍ତିଭୂମି ବିକାଶ ଲାଗି ଅନ୍ୟସଂସ୍ଥାକୁ ସହାୟତା ମାଗୁଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଏଥିରୁ ନିବୃତ୍ତ ରହିବାକୁ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।




ବିଶ୍ୱବିଦ୍ୟାଳୟର ଏଭଳି ଆଚରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର। ଏ ନେଇ କୁଳପତିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ନିୟମିତ ଭାବେ ପର୍ଯ୍ୟାପ୍ତ ଅର୍ଥ ଯୋଗାଇଦେଉଛନ୍ତି। ଅନ୍ୟମାନଙ୍କୁ ବିଶ୍ୱବିଦ୍ୟାଳୟ କାହିଁକି ସହାୟତା ମାଗୁଛି ବୋଲି କୁଳପତିଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି କରିବା ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ପାଖରେ ଥିବା ଅର୍ଥକୁ ଉପଯୋଗ କରିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି।

ଭୂ-ତତ୍ତ୍ୱ ବିଭାଗର ବିକାଶ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ମାନିଂ କର୍ପୋରେସନ୍(ଓଏମ୍‌ସି)କୁ ଆର୍ଥିକ ସହାୟତା ମଗାଯାଇଥିଲା। ଏକକାଳୀନ ଭାବେ ୧୦ କୋଟି ଏବଂ ଆସନ୍ତା ବର୍ଷ ପାଇଁ ବାର୍ଷିକ ୨ କୋଟି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ପ୍ରସ୍ତାବ ଉପରେ ଓଏମ୍‌ସି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା। ଏ ଦିଗରେ କୌଣସି ଅର୍ଥ ଦିଆଯାଇଛି କି ନାହିଁ ଜାଣିବାକୁ ଚାହିଁଥିଲେ ଓଏମ୍‌ସି କର୍ତ୍ତୃପକ୍ଷ।

ଉତ୍କଳ ବିଶ୍ୱବିଦ୍ୟାଳୟକୁ କୌଣସି ଅର୍ଥ ନ ଦେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକଙ୍କୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ପାଖରେ ପର୍ଯ୍ୟାପ୍ତ ଅର୍ଥ ଥିବା ଓଏମ୍‌ସିକୁ ଅବଗତ କରାଯାଇଛି। ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିରେ ଉନ୍ନତି କରିପାରିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ପାଇଁ ରାଜ୍ୟ ସରକାର ସବୁବେଳେ ସହାୟତାର ହାତ ବଢାଉଛନ୍ତି। ବିଶ୍ୱବିଦ୍ୟାଳୟରେ ମହଜୁତ ଥିବା ଅର୍ଥକୁ ବ୍ୟବହାର କରି ଭୂତତ୍ତ୍ୱ ବିଭାଗର ବିକାଶ ସହଜରେ କରାଯାଇପାରିବ। ଏବେ ବିଶ୍ୱବିଦ୍ୟାଳୟ ପାଖରେ ୫୦୦ କୋଟି ଟଙ୍କା ମହଜୁତ ରହିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓଏମ୍‌ସି କିମ୍ବା ଅନ୍ୟ କୌଣସି ସଂସ୍ଥା ନିକଟରେ ଆର୍ଥିକ ସହାୟତା ମାଗିବା ଠିକ୍ ନୁହେଁ। ସରକାର ଉତ୍କଳ ବିଶ୍ୱବିଦ୍ୟାଳୟର ଏହି ଆବେଦନକୁ ଅନୁମତି ବର୍ତ୍ତମାନ ଦେଇପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁଳପତିଙ୍କୁ କୁହାଯାଇଛି।

## ଡେପୁଟି ମେୟରଙ୍କୁ ନୋଟିସ୍

**କଟକ(ତପନ ମହାନ୍ତି):-** ସେ ହେଉଛନ୍ତି କଟକର ଡେପୁଟି ମେୟର ତାଙ୍କ ଘର ମଧ୍ୟ ସାମିଲ ରହିଛି। ଏପରି ନୋଟିସ ପାଇବା ପରେ କଟକ ରାଜନୀତି ବେଶ ସରଗରମ ହୋଇପଡିଛି।

**ଆଇନ୍ ତା'ବାଟରେ ଯାଉଛି**



ଦମୟନ୍ତି କମ ବୟସରେ ତାଙ୍କ ଘର ଉଚ୍ଛେଦ କରାଯିବ। ବସ୍ତି ଉଚ୍ଛେଦ ପକ୍ରିୟାରେ ତାଙ୍କ ଘର ମଧ୍ୟ ସାମିଲ ରହିଛି। ଏପରି ନୋଟିସ ପାଇବା ପରେ କଟକ ରାଜନୀତି ବେଶ ସରଗରମ ହୋଇପଡିଛି। ଦମୟନ୍ତି କମ ବୟସରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡେ୍ପୁଟି ମେୟର କରିଛନ୍ତି ଅଳ୍ପ ଦିନ ତଳେ ସେ ଶପଥ ନେଇଛନ୍ତି ଏପରି ପରିସ୍ଥିତିରେ ଇଡକୋ ତରଫରୁ ଏହି ନୋଟିସ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହି ପରିସ୍ଥିତିକୁ ଥଣ୍ଡା କରିବା ପାଇଁ କଟକ ମେୟର ସୁବାସ ସିଂ ସାମାନ୍ୟ ପାଣି ଢାଳିଛନ୍ତି । ସେ କହିଛନ୍ତି ଯେ ବସ୍ତି ଉଚ୍ଛେଦକୁ ଆମେ ଘୋର ବିରୋଧ କରୁ ଡେପୁଟି ମେୟର ଏବଂ ସେହି ବସ୍ତିର ଘର କିପରି ସୁରକ୍ଷିତ ରହିବ ସେ ନେଇ ଆମର ଆଲୋଚନ ଜାରୀ ରହିଛି।

## ତହସିଲ୍‌ଦାର ସାରଦା ମହାରଣା ବନ୍ଧାହେଲେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲାଞ୍ଚ ନେଇ ଧରାପଡିବା ପରେ ଗିରଫ ହେଲେ ସମ୍ବଲପୁର କୁଚିଣ୍ଡା ବ୍ଲକ୍‌ର ଅତିରିକ୍ତ ତହସିଲ୍‌ଦାର ସାରଦା ମହାରଣା। ତାଙ୍କୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଲାଞ୍ଚ ନେବା ବେଳେ ସେ ଧରାପଡିଥିଲେ। ଜଣେ ଗାଡି ମାଲିକଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସାରଦା ମହାରଣାଙ୍କୁ ଧରିଥିଲା ଭିଜିଲାନ୍ସ। ଆସ୍‌ପଣ୍ଡିକାମରେ ନିୟୋଜିତ ଏକ ହାଇୱାକୁ ଛାଡିବା ପାଇଁ ସାରଦା ଲାଞ୍ଚ ମାଗିଥିଲେ ବୋଲି କହିଛନ୍ତି ଗାଡି ମାଲିକ ଅଶୋକ ପଟେଲ। ସେପଟେ ସାରଦା ମହାରଣା କହିଥିଲେ, ମନ୍ତ୍ରୀ ନବ ଦାସଙ୍କ ନାଁ ନେଇ ତାଙ୍କ ଉପରେ ଚାପ ପକାଯାଉଥିଲା ଓ ଭୟଭୀତ କରାଯାଉଥିଲା।

ବେଆଇନ୍ ପରିବହନ ପାଇଁ ଗାଡିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ଷଡଯନ୍ତ୍ର କରି ତାଙ୍କୁ ଫସାଇ ଦିଆଯାଇଛି। ତେବେ ତାଙ୍କର ଏପରି ଅଭିଯୋଗ ନେଇ ମନ୍ତ୍ରୀ ନବ ଦାସଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଲୁହାଛଡ ବଦଳରେ ଶାଳକାଠ ଜେଲ୍ ଗଲେ ଦୁଇ ଠିକାଦାର

**ମୋରଡା(ସଂପର୍କବାର୍ତ୍ତା):-** ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍ ଅଧୀନ ଗଡିଗାଁ ପଞ୍ଚାୟତ ମାହାଲିସାହିରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣରେ ଲୁହାଛଡ ବଦଳରେ ଶାଳକାଠ ବ୍ୟବହାର ଘଟଣାରେ ଅଭିଯୁକ୍ତ ଠିକାଦାର ଜୟନ୍ତ ଦାସ ଓ ପେଟି ଠିକାଦାର ଚକ୍ରଧର ପାଳଙ୍କୁ ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ମୋରାଡସ୍ଥିତ



ଜେଏମ୍‌ଏଫ୍‌ସିରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିପଦା ଜେଲ ହାଜତକୁ ପଠାଇ ଦିଆଯାଇଛି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସ, ମୋରଡା ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ୍ ଫୋର୍ସ ମୁତୟନ ରହିଛନ୍ତି। ଦୋଷୀଙ୍କ ବିରୋଧରେ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଯୋଗୁଁ ଦୁର୍ନୀତିଗ୍ରସ୍ତ ଅନ୍ୟ ଠିକାଦାର ଓ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି।

## ସ୍ଥଳଭାଗ ମୁହାଁ ଆସାନି



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ବାତ୍ୟାର ରୂପ ନେଇଛି। ବାତ୍ୟା ଆସାନି ଘନୀଭୂତ ହୋଇ ସ୍ଥଳଭାଗ ମୁହାଁ ହେଉଛି। ୬ ଘଣ୍ଟା ଧରି ଘଣ୍ଟା ପ୍ରତି ୧୬ କିମି ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି ଆସାନି। ପୁରୀ ଠାରୁ ୧୦୨୦ କିମି ଦକ୍ଷିଣ-ଦକ୍ଷିଣ-ପୂର୍ବରେ କେନ୍ଦ୍ରୀଭୂତ ହୋଇଛି। ସେହିପରି ବିଶାଖାପାଟଣା ଠାରୁ ୯୭୦ କିମି ଦକ୍ଷିଣ ପୂର୍ବ ଦିଗରେ ରହିଛି ବାତ୍ୟା ଆସାନି। ୧୦ ତାରିଖ ଯାଏଁ ଏହା ଉତ୍ତର-ପଶ୍ଚିମ ଦିଗରେ ଗତିକରିବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ପବନର ବେଗ ମଧ୍ୟ ବଢିବ। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ବି ସମୁଦ୍ର ମଧ୍ୟରେ ଅଛନ୍ତି ସମସ୍ତଙ୍କୁ ଆଜି ଫେରି ଆସିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ବର୍ଷରେ ୩ ମହିଳା ତହସିଲଦାର ସସ୍‌ପେଣ୍ଡ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଗତ ୩ ବର୍ଷରେ ମୟୂରଭଞ୍ଜ ଜିଲ୍ଲାରେ ୩ଜଣ ମହିଳା ପ୍ରଶାସନିକ ଅଧିକାରୀ ଦୁର୍ନୀତିରେ ଲିପ୍ତ ହୋଇ ଚାକିରୀରୁ ନିଲମ୍ବିତ ହେବା ସହ ନିଜ ବୃତ୍ତିକୁ ଅସମ୍ମାନ କରିଛନ୍ତି। ସେମାନେ ହେଲେ ଶ୍ୟାମାଖୁଣ୍ଟା ବ୍ଲକ୍‌ର ତତ୍କାଳୀନ ତହସିଲ୍‌ଦାର (ପୃଷ୍ଠା-୨)



# ଜର୍ମାନୀରେ କଂଗ୍ରେସକୁ ସମାଲୋଚନା କଲେ ମୋଦି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଜେପି ସରକାର ଦେଶବାସୀଙ୍କ ନିକଟରେ ସବୁଠୁ ଅଧିକ ଲାଭ ପହଞ୍ଚାଉଛି କହି ସୋମବାର ଦିନ ଜର୍ମାନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ସମାଲୋଚନା କରିଛନ୍ତି। ଭାରତୀୟ ସମ୍ପ୍ରଦାୟର ୧୬୦୦ରୁ ଉର୍ଦ୍ଧ୍ୱ ଜନତାଙ୍କୁ ଉଦ୍‌ବୋଧନ ଦେବା ବେଳେ ସେ କହିଲେ କାହାର ପଞ୍ଝା ସେ ୮୫ ପଇସା ନେଇଯାଉଥିଲା ? ସ୍ମରଣଯୋଗ୍ୟ, ଦେଶ ଯେତେ ଉପର୍ଜନ କରୁଛି ସେଥିରୁ କାଣିଚାଏ ମାତ୍ର ଜନସାଧାରଣଙ୍କ ପାଖକୁ ଯାଉଛି ବୋଲି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଦେଶ୍ୟ କରି ପ୍ରଧାନମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଅତୀତରେ ଭାରତର ସୁପ୍ରିମ୍ କୋର୍ଟ ମଧ୍ୟ ଏ କଥା କହିଥିଲେ। ଦେଶର ବିକାଶରୁ ଲୋକେ ଉପକୃତ ହେଉଛନ୍ତି ବୋଲି ନିଜର କୃତୀତ୍ୱ ଉପରେ ଆଲୋକପାତ କରି ବିଜେପି ଅନେକ ଥର ଏଭଳି ମନ୍ତବ୍ୟ ଦେଇ ଆସୁଛି। ଜର୍ମାନୀରେ ସମବେତ ଭାରତୀୟ ସମ୍ପ୍ରଦାୟଙ୍କୁ ପ୍ରଧାନମନ୍ତ୍ରୀ କହିଲେ ଆଜି



ଭାରତ ଶାସନରେ ପ୍ରଯୁକ୍ତିବିଦ୍ୟାକୁ ଯେଭଳି ଉପଯୋଗ କରାଯାଉଛି, ତାହା ନୂଆ ଭାରତର ରାଜନୈତିକ ଇଚ୍ଛାର ପରିପ୍ରକାଶ କରୁଛି। ଏବେ କୌଣସି ପ୍ରଧାନମନ୍ତ୍ରୀ କହିବେ ନାହିଁ ଯେ, ଦିଲ୍ଲୀରୁ ମୁଁ ୧ ଟଙ୍କା ପଠାଇଲି କିନ୍ତୁ ଜନତାଙ୍କ ପାଖରେ ମାତ୍ର ୧୫ ପଇସା ପହଞ୍ଚୁଛି।

ଉଲ୍ଲେଖଯୋଗ୍ୟ ଗତ ୮ ବର୍ଷ ହେବ, ପ୍ରଧାନମନ୍ତ୍ରୀ କହୁଛନ୍ତି, 'ଡାଇରେକ୍ଟ ବେନିଫିଟ୍ ଟ୍ରାନ୍‌ସଫର' ଜରିଆରେ ସରକାର ହିତାଧିକାରୀମାନଙ୍କ ପାଖକୁ ୨୨ଲକ୍ଷ କୋଟିରୁ ଅଧିକ ଅର୍ଥ ପଠାଇ ସାରିଲେଣି।

ଜର୍ମାନୀରେ ଥିବା ଭାରତୀୟ ବଂଶୋଦ୍ଭବମାନଙ୍କୁ ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ନୂଆ ଭାରତ ଆଉ କେବଳ ସୁରକ୍ଷିତ ଭବିଷ୍ୟତ କଥା ଭାବୁନାହିଁ। କ୍ଷତି ହେବାର ସମ୍ଭାବନା ଥିବା କାମ ହାତକୁ ନେଉଛି, ନୂଆ ଚିନ୍ତା କରୁଛି ଏବଂ ତା'ର ବିକାଶ କରୁଛି। ମୋର ମନେଅଛି, ୨୦୧୪ ବେଳକୁ ଦେଶରେ ୬୮ ହଜାରରୁ ଅଧିକ ନୂତନ ଉଦ୍ୟୋଗ ଏବଂ ସେଥିରୁ ବହୁ କୋଟିପତି ହୋଇଗଲେଣି।

# ୩ ପ୍ରଧାନମନ୍ତ୍ରୀଙ୍କ ଉପରେ ପ୍ରଶ୍ନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବହୁତ କମ୍ ଲୋକ ଜାଣିଛନ୍ତି ଏହି ପରିବାର ଛଦ୍ମ ରୂପୀ ହିନ୍ଦୁ ସରକାର ଭାବେ ଭାରତବାସୀଙ୍କୁ ଠକୁଛନ୍ତି କିପରି।

ପ୍ରଶ୍ନ-୧: ରେହେମାନ୍ ବାଇ ନାମକ ମହିଳା ଜଣକ କିଏ ?

ଉତ୍ତର- ପୂର୍ବତନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ମା

ପ୍ରଶ୍ନ-୨: ଜବାହର ନେହେରୁଙ୍କ ବାପା କିଏ ?

ଉତ୍ତର-ମୁବାରକ ଅଲ୍ଲୀ

ପ୍ରଶ୍ନ-୩: ମୋତିଲାଲ ନେହେରୁ ଓ ଜବାହାର ଲାଲ ନେହେରୁଙ୍କ ମଧ୍ୟରେ କି ସମ୍ପର୍କ ?

ଉତ୍ତର- ମୁବାରକ ଅଲ୍ଲୀଙ୍କ ମୃତ୍ୟୁ ପରେ ମୋତିଲାଲ ନେହେରୁ ହେଉଛନ୍ତି ରେହେମାନ୍ ବାଇଙ୍କ ଦ୍ୱିତୀୟ ସ୍ୱାମୀ, ଏଠାରେ କହି ରଖେ ମୋତିଲାଲ ହେଉଛନ୍ତି ମୁବାରକ ଅଲ୍ଲୀଙ୍କ କର୍ମଚାରୀ ଭାବେ କାମ କରୁଥିଲେ ମୁବାରକ ଅଲ୍ଲୀ ମରିଗଲା ପରେ ମୋତିଲାଲ ନେହେରୁ ସେହିସ୍ଥାନ ପୂରଣ କରିବା ପାଇଁ ରେହମାନ୍ ବାଇ ପ୍ରଥମେ ପ୍ରସ୍ତାବ ଦେଲେ ରେହେମାନ୍ ବାଇଙ୍କ ସୁନ୍ଦର ଚେହେରା ଦେଖି ମୋତିଲାଲ ନେହେରୁ ଆଉ ନା କରି ପାରିଲେ ନାହିଁ, ତେଣୁ ମୋତିଲାଲ୍ ହେଉଛନ୍ତି ଜବାହର ଲାଲ ନେହେରୁଙ୍କ ଶାବତ ବାପା।

ପ୍ରଶ୍ନ-୪: ଜବାହର ଲାଲ ନେହେରୁ ଜନ୍ମରୁ ପଣ୍ଡିତ କି ?

ଉତ୍ତର- ନା ତାଙ୍କର ମା ଓ ବାପା ଉଭୟ ମୁସଲମାନ ଥିଲେ।

ପ୍ରଶ୍ନ-୫: ଜବାହାରଲାଲ୍ ନେହେରୁ ସାବତ ବାପାଙ୍କ ପାଇଁ ହିନ୍ଦୁ ନାମ ରଖିଲେ କି ?

ଉତ୍ତର- ହଁ, କାରଣ ଏହି ନାମଟି ଗୋଟିଏ ପରଦା ଥିଲା, କିନ୍ତୁ ମୋତିଲାଲ ବି ନିଜେ କାଶ୍ମୀରୀ ପଣ୍ଡିତ ନୁହଁନ୍ତି।

ପ୍ରଶ୍ନ-୬: ମୋତିଲାଲ୍‌ଙ୍କ ବାପା କିଏ କିପରି ସେ ନେହେରୁ ହେଲେ ?

ଉତ୍ତର- ମୋତିଲାଲ୍‌ଙ୍କ ବାପା ଗିୟାସୁଦ୍ଦିନ ଘଜି ଯିଏ କି ୧୮୫୭ ବିଦ୍ରୋହ ପରେ ଦିଲ୍ଲୀ ପଳାଇ ଗଲେ ଓ ତା ପରେ କାଶ୍ମିରୀ ଯାଇଥିଲେ ସେଠାରେ ନାମ



ବଦଳାଇ ଗଙ୍ଗାଧର ନେହେରୁ ରଖିଲେ ଓ ପଣ୍ଡିତ ମଧ୍ୟ ଯୋଡି ଦେଲେ ଯାହା ଦ୍ୱାରା କି ଲୋକମାନେ ତାଙ୍କୁ ଆଉ ଜାତି ପଚାରିବେ ନାହିଁ, ପଣ୍ଡିତ ଗଙ୍ଗାଧର ନେହେରୁ ଆଲହାବାଦ ଯାଇଥିଲେ ଓ ତାଙ୍କ ପୁଅ ମୋତି ଲାଲ୍ ଆଇନ ଡିଗ୍ରୀ ଶେଷ କରି କାମ କରିବାକୁ ଲାଗିଲେ।

ପ୍ରଶ୍ନ-୭: ପୂର୍ବତନ ଇନ୍ଦିରା ଗାନ୍ଧୀଙ୍କ ପିତା ମାତା କିଏ ?

ଉତ୍ତର- ଜବାହର ନେହେରୁଙ୍କ ସାବତ ବାପା ଜନ୍ମିତ ମନସୁର ଅଲ୍ଲୀ ମୁସ୍କିଲ ଓ କମଳା କାଉଲ୍ ନେହେରୁ କାଶ୍ମୀରୀ ପଣ୍ଡିତ।

ପ୍ରଶ୍ନ-୮: ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପିତା ମାତା କିଏ ?

ଉତ୍ତର-ଜାହାଙ୍ଗୀର ଫିରୋଜ ଖାଁ ପର୍ସିଆନ୍ ମୁସଲମାନ ଓ ଇନ୍ଦିରା ପ୍ରିୟ ଦର୍ଶନି ନେହେରୁ ଓରଫ୍ ମାମୁଁନା ବେଗମ୍ ଖାନ୍ ଇନ୍ଦିରା ପ୍ରିୟଦର୍ଶିନୀ ନେହେରୁ, ମାମୁନା ବେଗମ୍ ଖାନ୍ ଓ ଜାହାଙ୍ଗୀର ଫିରୋଜ ଖାନ୍ ପର୍ସିଆନ୍ ମୁସଲମାନ ଯିଏ ପରେ ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କ ପରାମର୍ଶ କ୍ରମେ ନିଜର ନାମ ବଦଳାଇ ଗାନ୍ଧୀ ରଖିଲେ।

ପ୍ରଶ୍ନ-୯: ଜବାହାର ନେହେରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମହମ୍ମଦ ଅଲ୍ଲୀ ଜିନା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ପରସ୍ପର ସହିତ ଜଡିତ।

ଉତ୍ତର- ହଁ ଉପରେ ଉଲ୍ଲେଖ ଥିବା ରେହମାନ୍ ବାଇଙ୍କ ତୃତୀୟ ସ୍ୱାମୀ ମୋତିଲାଲ ନେହେରୁ ଥିଲେ ଜିନାଙ୍କ ମା ମୋତିଲାଲଙ୍କ ଚତୁର୍ଥ ପତ୍ନୀ ଥିଲେ। ଅବ୍ଦୁଲା ମୋତିଲାଲ୍‌ଙ୍କ ୫ତମ ପତ୍ନୀ ଯିଏ କି ତାଙ୍କ ଘର ମଧ୍ୟରେ ରହୁଥିଲେ। ତେଣୁ ଉଭୟଙ୍କ ବାପା ସମାନ ଜବାହର ନେହେରୁଙ୍କ ସାବତ ପିତା।

ପ୍ରଶ୍ନ-୧୦: ଏତେ ସବୁ ଉତ୍ତର କୋଉଠୁ ପାଇଲ ଆମେ ପଢୁଥିବା ଇତିହାସ ବହିରେ କିଛି ସୂଚନା ପାଇ ନାହିଁ ?

ଉତ୍ତର- ଏମ୍ ଓ ମତାଇ ଜବାହର ନେହେରୁଙ୍କ ବ୍ୟକ୍ତିଗତ ସହାୟକଙ୍କ ଜୀବନୀରୁ।

ବହୁତ କମ୍ ଲୋକ ଜାଣିଛନ୍ତି ଏହି ପରିବାର ଛଦ୍ମ ରୂପୀ ହିନ୍ଦୁ ସରକାର ଭାବେ ଭାରତବାସୀଙ୍କୁ ଠକୁଛନ୍ତି କିପରି।

# ପୁଟିନ୍‌ଙ୍କୁ କରାଯାଇପାରେ ହତ୍ୟା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ୭୦ ଦିନ ବିତିଗଲାଣି। କିନ୍ତୁ ଯୁଦ୍ଧର ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଯୁଦ୍ଧ ଜିତିବାକୁ ଚାହୁଁଛନ୍ତି। ତେବେ ପୁଟିନ୍‌ଙ୍କୁ ହତ୍ୟା କରାଯାଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶପାଇଛି। ଆମେରିକାର ପୂର୍ବତନ ଜେନେରାଲ୍ ଜ୍ୟାକ କେନ କହିଛନ୍ତି ଯେ, ପୁଟିନ୍‌ଙ୍କ ଦୁର୍ବଳ ଯୁଦ୍ଧ ପରିଚାଳନା ଯୋଗୁ ରୁଷିଆର ବରିଷ୍ଠ ଅଧିକାରୀ ତଥା ସାମରିକ କର୍ମଚାରୀ ନିରାଶ ହୋଇଛନ୍ତି। ହୁଏତ ଏହା ସାମରିକ ବିଦ୍ରୋହର ରୂପ ନେଇପାରେ। ରୁଷିଆର ବୈଦେଶିକ ଗୁପ୍ତଚର ସେବାର ମୁଖ୍ୟ ସରୋଜ ନରିଶକିନ ମଧ୍ୟ ପୁଟିନଙ୍କ ଯୁଦ୍ଧକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ବୋଲି ଜ୍ୟାକ୍ କେନ୍ କହିଛନ୍ତି। ଯଦି ରୁଷିଆରେ ସାମରିକ ବିଦ୍ରୋହ ଯୋଗୁ ପୁଟିନ୍‌ଙ୍କୁ କ୍ଷମତାଚ୍ୟୁତ କରାଯାଏ ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ହତ୍ୟା କରାଯିବାର ଆଶଙ୍କା ରହିଛି।

ତେବେ ଜେନେରାଲ୍ ଜ୍ୟାକ୍ କହିଛନ୍ତି ଯେ, କ୍ଷମତାରେ ରହିବାକୁ ପୁଟିନ୍ କିଛି ମଧ୍ୟ କରିପାରିବେ। ପୁଟିନ୍ ଜାଣନ୍ତି ଏହା ମଧ୍ୟ ଜାଣନ୍ତି ଯେ ଯଦି କେହି କ୍ଷମତାକୁ ଆସନ୍ତି ତେବେ ସେ ଜୀବିତ ରହିବେ ନାହିଁ। ଫକ୍ସ ନ୍ୟୁଜ୍ ସହ ଏକ ସାକ୍ଷାତ୍‌କାର ସମୟରେ କହିଛନ୍ତି ପୁଟିନ୍‌ଙ୍କ ଲକ୍ଷ୍ୟ ହେଉଛି ଯେ




କୌଣସି ମତେ କ୍ଷମାତରେ ରହିବା।

ସେ ଏହା ମଧ୍ୟ କହିଛନ୍ତି ଯେ ପୁଟିନ୍ କ୍ଷମତାରେ ରହିବାକୁ ଲଢୁଛନ୍ତି। ସେଥିପାଇଁ ୟୁକ୍ରେନ୍‌ରେ ତାଙ୍କର ଧ୍ୟାନ କେନ୍ଦ୍ରୀତ କରିଛନ୍ତି। ୟୁକ୍ରେନ୍ ଦଖଲ କରିବାକୁ ସେ ଚାହୁଁଛନ୍ତି। ସେ ପୁଣି ଥରେ ପୁରୁଣା ସାମ୍ରାଜ୍ୟକୁ ଫେରାଇ ଆଣିବାକୁ ଚାହୁଁଛନ୍ତି। ଏହା ମଧ୍ୟ ସତ୍ୟ ଯେ ଯଦି ପୁଟିନ୍ ରାଷ୍ଟ୍ରପତି ପଦରେ ନ ରହିବେ ତେବେ ତାଙ୍କର ଭବିଷ୍ୟତ ମଧ୍ୟ କିଛି ରହିବ ନାହିଁ।

ସୂଚନାନୁସାରେ, ଯୁଦ୍ଧର ବିଫଳତା ପାଇଁ ଦେଶର ରାଜନୈତିକ ଏବଂ ସାମରିକ ପଦାଧିକାରୀ ପୁଟିନ୍‌ଙ୍କୁ ଦାୟୀ କରିଛନ୍ତି। କ୍ୱିଭରୁ ସୈନ୍ୟ ପ୍ରତ୍ୟାହାର କରିବା ଏବଂ ଡୋନବାସ୍‌କୁ ନିୟନ୍ତ୍ରଣକୁ ଆଣିବା ଏକ ଗୁରୁତର ତ୍ରୁଟି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ପୁଟିନ୍ ଭାବିଥିଲେ ଏଭଳି କରିବା ଦ୍ୱାରା ସେ ୟୁକ୍ରେନ୍‌ର ରାଜଧାନୀ କ୍ୱିଭ୍‌ରେ ଅତି ସହଜରେ ପହଞ୍ଚିବେ।

କିନ୍ତୁ ସତ୍ୟ ଏହା ହେଉଛି ଯେ ତାଙ୍କୁ ୟୁକ୍ରେନ୍ ସୈନ୍ୟଙ୍କ ପକ୍ଷରୁ ଏକ କଡା ପ୍ରତିରୋଧ ମିଳିଛି। ସୈନ୍ୟବାହିନୀର ଦୁର୍ବଳ ପ୍ରଦର୍ଶନ ମଧ୍ୟରେ ପୁଟିନ୍‌ଙ୍କ ଖରାପ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବର ମଧ୍ୟ ସାମ୍ନାକୁ ଆସିଛି। ବିଶ୍ୱାସ କରାଯାଉଛି ଯେ ତାଙ୍କୁ ସମର୍ଥନ କରୁଥିବା ଲୋକେ ଏବେ ତାଙ୍କ ବିରୋଧରେ ଠିଆ ହେବାରେ ଲାଗିଛନ୍ତି। ଫଳରେ ପୁଟିନ୍ ଏବଂ ସମର୍ଥକଙ୍କ ମଧ୍ୟରେ ପାର୍ଥକ୍ୟ ବର୍ତ୍ତମାନ ବୃଦ୍ଧି ପାଉଛି।

# ଦୁଷ୍କର୍ମ ପୀଡିତାଙ୍କୁ ଥାନାରେ ଦୁଷ୍କର୍ମ କଲେ ଅଧିକାରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଲୋକେ କୌଣସି ବିପତ୍ତିରେ ପଡିଥିଲେ କିମ୍ବା ତାଙ୍କ ବିରୁଦ୍ଧରେ କିଛି ଅନ୍ୟାୟ ହୋଇଥିବା ଅଭିଯୋଗରେ ପୋଲିସ୍ ପାଖକୁ ନ୍ୟାୟ ପାଇବା ଲାଗି ଆସିଥାନ୍ତି। କିନ୍ତୁ ଉତ୍ତରପ୍ରଦେଶରୁ ଆସିଥିବା ଖବର ମୁତାବକ ଲଳିତପୁର ଥାନା ଅନ୍ତର୍ଗତ ପାଲି ଅଞ୍ଚଳରେ ଥାନା ମୁଖ୍ୟ ହିଁ ଜଣେ ଗଣଦୁଷ୍କର୍ମ ପିଡିତାଙ୍କୁ ଦୁଷ୍କର୍ମ କରିଥିବାର ଖବର ଆସିଛି। ଯାହାକୁ ନେଇ ବର୍ତ୍ତମାନ ଉତ୍ତରପ୍ରଦେଶରେ ରାଜନୀତି ସରଗରମ ହୋଇଛି।




ଖବର ଅନୁସାରେ ଗଣଦୁଷ୍କର୍ମ ପିଡିତା ନାବାଳିକାଙ୍କ ବୟାନ ରେକର୍ଡ କରିବାକୁ ଡାକି ଏଏସ୍‌ଓ ତିଲକଧାରୀ ସରୋଜ ତାଙ୍କ ସହିତ ଥାନା ଅଧକ୍ଷା ଥାନା ପରିସରରେ ହିଁ ନିଜ ଚାମ୍ବରରେ ଦୁଷ୍କର୍ମ କରିଥିଲେ। ତେବେ ଚାଇଲ୍ଡ ଲାଇନ୍ କାଉଂସିଲ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏହା ପରେ ଏସ୍‌ପି ଥନା ମୁଖ୍ୟଙ୍କୁ ନିଲମ୍ବିତ କରିଛନ୍ତି। ଏବେ ଏଏସଓ ଏବଂ ଅନ୍ୟ ଚାରି ଯୁବକଙ୍କ ବିରୋଧରେ ମାମଲା ଦାୟର କରାଯାଇଛି। କାନପୁର ଜୋନ ଏଡିଜି ଭାନୁ ଭାସ୍କର ଏହି ମାମଲାର ତଦନ୍ତ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଦେବାକୁ ଡିଆଇଜି ଜୋଗେନ୍ଦ୍ର କୁମାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନାବାଳିକା ସହିତ ଦୁଷ୍କର୍ମ କରିବା ପରେ ଫେରାର୍ ହୋଇଯାଇଛନ୍ତି। ଏଏସ୍‌ଓ ତିଲକଧାରୀ ସରୋଜଙ୍କୁ ଧରିବା ଲାଗି ଡିଆଇଜି ଜୋଗେନ୍ଦ୍ର କୁମାରଙ୍କ ନିର୍ଦ୍ଦେଶରେ ପୋଲିସ୍ ତିନି ଟିମ୍ ଗଠନ କରିଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଡିଆଇଜି କହିଛନ୍ତି। ଅନ୍ୟପଟେ ଏସ୍‌ପି ଝାନ୍ସି ବିବେକ ତ୍ରିପାଠୀ ଏହି ମାମଲାରେ ନାବାଳିକାଙ୍କର ଡାକ୍ତରୀ ମାଇନା କରି ତଦନ୍ତ ଆରମ୍ଭ କରିଛନ୍ତି। ସେ ବୁଧବାର ଜିଲ୍ଲା ଡାକ୍ତରଖାନାରେ ପହଞ୍ଚି ଅଭିଯୁକ୍ତ ଯୁବକ ଏବଂ ପିଡୀତା ମହିଳାଙ୍କୁ ପଚରାଉଚରା କରିଥିଲେ। ଏବେ ମଧ୍ୟ ଥାନା ଅଧିକାରୀ ଫେରାର୍ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ହେଲ୍‌ମେଟ୍...

ସେହିପରି ନାବାଳକ ଗାଡିଚାଳକ ଓ ବାଇକ୍‌ରେ ୩ଜଣ ବସିଥିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରାଞ୍ଚଳରେ ବାଇକ୍‌ଚାଳକ ହେଲ୍‌ମେଟ୍ ପିନ୍ଧୁଥିବା ବେଳେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବାଇକ୍‌ଚାଳକମାନେ ହେଲ୍‌ମେଟ୍ ପିନ୍ଧିବାକୁ ପସନ୍ଦ କରୁନାହାଁନ୍ତି। ହେଲ୍‌ମେଟ୍ ନପିନ୍ଧିବା କାରଣରୁ ଦିନକୁ ଦିନ ଦୁର୍ଘଟଣାରେ ମୃତ୍ୟୁ ବଢୁଛି। ପରିବହନ ବିଭାଗର ତଥ୍ୟ ମୁତାବକ ୨୦୨୧ରେ ପ୍ରାୟ ୧୩୦୮ ଜଣ ବାଇକ୍ ଅରୋହୀ ଓ ଚାଳକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଲ୍‌ମେଟ୍ ପିନ୍ଧିନଥିବା ଜଣାପଡିଛି। ତେଣୁ ମୁଖ୍ୟ ରାସ୍ତାଗୁଡିକରେ ଚେକିଂ ଜୋର୍‌ଦାର କରିବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ସହ ମଦ୍ୟପ ଗାଡିଚାଳକଙ୍କ ପାଇଁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଓଡ଼ିଶା ପୋଲିସ୍ ଓ ପରିବହନ ବିଭାଗ ନିୟମିତ ଭାବେ ଚଢଉ ଜାରି ରଖିଛନ୍ତି। ଶୁକ୍ରବାର ରାତିରେ ମଦ୍ୟପ ଗାଡିଚାଳକଙ୍କ ବିରୁଦ୍ଧରେ ରାଜ୍ୟ ସ୍ତରୀୟ ମିଳିତ ଅଭିଯାନରେ ୪୬୬ ଜଣ ମଦ୍ୟପ ଚାଳକଙ୍କୁ ଚିହ୍ନଟ କରାଯାଇଥିଲା। ସେଥିରୁ ୧୮୯ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବା ସହ ୩୭୮ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ତେବେ ସପ୍ତାହ ବ୍ୟାପି ଏହି ଅଭିଯାନକୁ ଜୋର୍‌ଦାର କରିବାକୁ ପ୍ରସ୍ତୁତି ହୋଇଛି।

### ବର୍ଷରେ...

ସବିତା ସାହୁ, ବେତନଟି ତହସିଲ୍‌ଦାର ଅନିସା ଦାସ ଓ ବଡସାହି ତହସିଲ୍‌ଦାର ମମତାଜ୍ ମହାରଣା।

ସବିତା ୨୦୧୪ରେ ଶ୍ୟାମାଖୁଣ୍ଟାର ତହସିଲଦାର ଥିଲାବେଳେ ଏକ ଇଟାଭାଟି ପାଇଁ ଅନୁମତି ଦେବାକୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ଓ ୧୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ଘଟଣାରେ ସେ ଚାକିରୀରୁ ନିଲମ୍ବିତ ହୋଇଥିଲେ। ନିକଟରେ କୋର୍ଟ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାସହ ୧୦ ହଜାର ଟଙ୍କା ଜୋରିମାନା

ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନିସା ୨୦୨୦ରେ ବେତନଟି ତହସିଲ୍‌ଦାର ଥିଲା ବେଳେ ମାଫିଆଙ୍କ ସହ ତାଙ୍କର ବାର୍ତ୍ତାଳାପର ଅଡିଓ ଭାଇରାଲ୍ ହୋଇଥିଲା। ବାଲି ମାଫିଆଙ୍କ ସହ ସଂପୃକ୍ତି ଥିବାର ପ୍ରମାଣ ମିଳିବାରୁ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଥିଲା। ଏହି ମାମଲାର ଗିରଫଦାରୀ ଏଡାଇବା ପାଇଁ ସେ ହାଇକୋର୍ଟରୁ ଜାମିନୀ ଆଣିଛନ୍ତି।

ଦୁର୍ନୀତି ମାମଲାରେ ସଦ୍ୟତମ ଉଦାହରଣ ହେଉଛନ୍ତି ବଡସାହି ବ୍ଲକ୍‌ର ତହସିଲ୍‌ଦାର ମମତାଜ୍ ମହାରଣା। ନିଜ କାର୍ଯ୍ୟକାଳ ଭିତରେ ବାଲିମାଫିଆ ଓ ଲିଜ୍‌ଧାରୀମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ସରକାରଙ୍କ ୧୭ କୋଟି ୭୨ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି କରିଛନ୍ତି ମମ୍‌ତାଜ୍। ଏ ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ର ହସ୍ତକ୍ଷପ ପରେ ପ୍ରଶାସନ ପକ୍ଷରୁ ତାଙ୍କ ନାଁରେ ଫୌଜଦାରୀ ମାମଲା ହୋଇଛି। ଗିରଫଦାରୀ ଏଡାଇବା ପାଇଁ ସେ ଏପ୍ରିଲ୍ ୩୦ ତାରିଖରୁ ଫେରାର୍ ଅଛନ୍ତି। ଗତ କାଲି ତାଙ୍କୁ ରାଜ୍ୟ ସରକାର ଚାକିରୀରୁ ନିଲମ୍ବନ କରିଛନ୍ତି।

### ମୋ ବସ୍...

୩୨ନଂ ରୁଟ୍‌ରେ ଯାଉଥିବା ମୋ ବସ୍ ବସ୍‌ଷ୍ଟାଣ୍ଡ ଛାଡୁଥିଲା। ମହିଳା ୨ ପିଲାଙ୍କୁ ଧରି ବସ୍‌ରେ ଚଢିବାକୁ ଚେଷ୍ଟା କରିଥିଲେ। କିନ୍ତୁ କଣ୍ଡକ୍ଟର ତାଙ୍କୁ ବସ୍‌ରେ ଚଢାଇ ଦେଇନଥିଲେ। ମହିଳା ତାଙ୍କୁ ଭଡା ବାବଦରେ ଟଙ୍କା ଦେବା ପାଇଁ କହିବା ସତ୍ତ୍ୱେ ଶୁଣି ନଥିଲେ କଣ୍ଡକ୍ଟର। ମୋ ବସ୍‌ର କଣ୍ଡକ୍ଟରଙ୍କ ଏଭଳି ବ୍ୟବହାର ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଜଣେ ଗରିବ ଲୋକଙ୍କୁ ମୋ ବସ୍‌ରେ ଚଢାଇ ନ ଦେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି।

ବାରମ୍ବାର ମୋ ବସ୍ ନାଁରେ ଅଭିଯୋଗ ହୋଇଆସୁଛି। ସେପଟେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୋ ବସ୍‌ର ପରିଚାଳନା ନିର୍ଦ୍ଦେଶିକା ଦିପ୍ତୀ ମହାପାତ୍ର। ସେ କହିଛନ୍ତି, ଉକ୍ତ ମହିଳା ଜଣଙ୍କ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଭିକ ମାଗନ୍ତି। ମୋ ବସ କଣ୍ଡକ୍ଟର ନୁହେଁ, ଉକ୍ତ ବସ୍‌ଷ୍ଟାଣ୍ଡରେ ପାମ୍ପଡ ବିକୁଥିବା ଜଣେ ବେପାରୀ ଉକ୍ତ ମହିଳାଙ୍କୁ ବସ୍‌ରେ ଚଢିବାକୁ ବାରଣ କରିଥିଲେ।

# ମେ ରେ ଆସିବ ମୌସୁମୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଏଥର ଆଗୁଆ ଆସିବ ମୌସୁମୀ ଆସିବାର ସମ୍ଭାବନା ରହିଛି। ମେ ମାସ ଶେଷ ଆଡକୁ ରାଜ୍ୟରେ ତାପମାତ୍ରା ହ୍ରାସ ହୋଇଯିବ। ଯାହା ଫଳରେ ମୌସମୀ ଆସିବା ସହଜ ହେବ। ଏହାକୁ ନେଇ ବିଭିନ୍ନ ମଡେଲର ଅନୁମାନ କରାଯାଉଥିବା ସେ କହିଛନ୍ତି।ସୂଚନ ଅନୁସାରେ ରାଜ୍ୟରେ ଏବେ ବାତ୍ୟା ହେବାର ଆଶଙ୍କା ରହିଛି ଆଜି ଲଘୁଚାପ ସୃଷ୍ଟି ହୋଇଛି। ଲଘୁଚାପ କ୍ଷେତ୍ରଟି ଆସନ୍ତା ୮ତାରିଖରେ ବାତ୍ୟାରେ ପରିଣତ ହେବ। ସେହିପରି ବାତ୍ୟା ୧୦ତାରିଖରେ ଲ୍ୟାଣ୍ଡ ଫଲ କରିପାରେ ବୋଲି ଆକଳନ କରାଯାଇଛି।



# ମୋଦି ଭାରତର ଗୌରବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜର୍ମାନୀ ଗସ୍ତରେ ପିଏମ୍ ନରେନ୍ଦ୍ର ମୋଦି ପୁଣି ଥରେ ସବୁଥର ପରି ନିଜର ସ୍ୱତନ୍ତ୍ର ଅନ୍ଦାଜରେ ଆସିଛନ୍ତି। ଭାରତୀୟ କମ୍ୟୁନିଟି ଭିତରେ ଯେମିତି ମୋଦି ପହଂଚିଥିଲେ ଲୋକଙ୍କର ଉତ୍ସାହ ଦେଖିବାର ଥିଲା ଉପସ୍ଥିତ ଲୋକେ ମୋଦି ଜୀ ଆମର ଜୀବନ, ଭାରତର ଗୌରବ ନାରା ଦେଉଥିଲେ । ଏହିପରି ଏକ ମାହୋଲ ଭିତରେ ସେଠାରେ ମୋଦି ପହଂଚିଥିଲେ। ସେ ଲୋକଙ୍କ ଅଭିବାଦନ ସ୍ୱୀକାର କରିଥିଲେ ଏବଂ ଜଣେ ପିଲା ସହ ମସ୍ତି ବି କଲେ। ଏହା ପୂର୍ବରୁ ଜର୍ମାନୀରେ ପିଏମ୍ ନରେନ୍ଦ୍ର ମୋଦିଙ୍କୁ ବର୍ଲିନ୍ ଗାର୍ଡ ଅଫ୍ ଅନରରେ ସମ୍ମାନିତ କରାଯାଇଥିଲା ବର୍ଲିନ୍ ରେ ପଟ୍ସଡାମର ପ୍ଲାଟଜରେ



ଭାରତୀୟ ସଂପ୍ରଦାୟର ଲୋକଙ୍କୁ ସମ୍ବୋଧିତ କରି ପିଏମ୍ ମୋଦି ଯୁବପିଢିଙ୍କ ଅବତାରଣ କରିଥିଲେ।

# ବ୍ରିଟେନ ରୁଷର ଧମକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱର ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବ ବ୍ରିଟେନ ୟୁକେକୁ ସମୁଦ୍ରରେ ବୁଡାଇଦେବୁ ବ୍ରିଟେନକୁ ଏପରି ଖୋଲାଖୋଲି ଶେଷ କରିଦେବା ଧମକକୁ ନେଇ ଚର୍ଚ୍ଚା ରୁଷର ଏକ ଟିଭି

**ବିଶ୍ୱ ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବ**

ଚ୍ୟାନେଲ ମାତ୍ର ଗୋଟିଏ ଉତକ୍ଷେପଣ ନା ବୋରିସ୍ ରହିବେ ନା ବ୍ରିଟେନ୍ ରହିବ।ୟୁକେନ ଉପରେ ହାଇପରସୋନିକ୍ ମିଶାଇଲ ସାଟନ୍ -୨ଦ୍ୱାରା ଆକ୍ରମଣ କରିବାକୁ କହିଛନ୍ତି ଦିମିତ୍ରୀ ଏହି ମିଶାଇଲ୍ ଆକ୍ରମଣ ପରେ ଭୟଙ୍କର ସୁନାମୀ ଆସିବ। ଏପରିକି ସୁନାମୀକୁ ୧୬ଶହ ୪୦ଫୁଟ ପର୍ଯ୍ୟନ୍ତ



ଆକ୍ଟିଭ କରିବାର କ୍ଷମତା ରଖିଛି ସାଟନ୍ -୨ଏହି ସୁନାମିରେ ଶେଷ ହୋଇଯିବ ବ୍ରିଟେନ। ବାହୁବଳୀ ମିଶାଇଲ୍ ଆକ୍ରମଣରେ ବ୍ରଟେନ୍ ସମୁଦ୍ରରେ ବୁଡି ନିଶ୍ଚିହ୍ନ ହୋଇଯିବ। ସମଗ୍ର ବ୍ରିଟେନ୍ ରେଡିଓଆକ୍ଟିଭ୍ ପରିଣତ ହୋଇଯିବ। ୟୁକ୍ରେନ୍‌କୁ ସମର୍ଥନ କରୁଥିବାରୁ ୟୁକେକୁ ଏପରି ଖୁଲ୍ଲମଖୁଲା ଉଡାଇଦେବା ଧମକ ଦେଇଛି ରୁଷ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ମଇ ୯ ରୁ ୧୫, ୨୦୨୨, ଜଗତସିଂହପୁର

May 9 to 15, 2022, Jagatsinghpur

www.samparkabarta.in




## ସୋମବାର କଟକ ଡିସିପି ଭାବେ ଦାୟିତ୍ୱ ନେବେ ପିନାକ ମିଶ୍ର

**କଟକ(ସଂପର୍କବାର୍ତ୍ତା):-** କଟକର ନୂଆ ଡିସିପି ଭାବେ ପିନାକ ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରିବେ। ସେ ଗତ ଗୁରୁବାରଠାରୁ ବ୍ରହ୍ମପୁର ଦାୟିତ୍ୱରୁ ଛୁଟି ନେଇସାରିଛନ୍ତି। ରବିବାର ସେ କଟକରେ ପହଞ୍ଚିବେ। ପର ଦିନ ୯ ତାରିଖରେ ସେ ଦାୟିତ୍ୱଭାର ଗ୍ରହଣ କରିବେ। ନୂତନ ଡିସିପିଙ୍କୁ ସାଗତ ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଦାୟିତ୍ୱ ଗ୍ରହଣ ପରେ ସେ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ। ପରେ ରାଜ୍ୟ ମୁଖ୍ୟାଳୟ ଓ କଟକରେ ଥିବା ଅନ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ପୋଲିସ୍ ଅଧିକାରୀଙ୍କୁ



ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ପରେ ଏକ ବୈଠକ ହେବ ବୋଲି ସ୍ଥିର କରାଯାଇଛି।

## ଜାଲ୍ ଶିକ୍ଷକଙ୍କ ଯାଞ୍ଚ ପ୍ରକ୍ରିୟା କଡାକଡି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟ ଯାଂଚ ପ୍ରକ୍ରିୟାରେ ୨୫୨ଶିକ୍ଷକ ଚିହ୍ନଟ ହେବା ପରେ ପୁଣି ଯାଂଚପ୍ରକ୍ରିୟା କଡାକଡି କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

### ନିଯୁକ୍ତି ସମୟରେ କ'ଣ ନିଶାରେ ଥିଲେ କି ?

ଏବେ ସୁଦ୍ଧା ୩ଶହରୁ ଅଧିକ ଶିକ୍ଷକ ଯାଂଚ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ବେଳେ ଆହୁରି ଶତାଧିକ ଶିକ୍ଷକଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଂଚରେ ଅନେକ ସମସ୍ୟା ହେଉଛି ଶିକ୍ଷାନୁଷ୍ଠାନଗୁଡିକରୁ ତଥ୍ୟ ବହୁ ବିଳମ୍ବରେ ଆସୁଥିବା ବିଭାଗ




ଦର୍ଶାଇଛି। ସମଗ୍ର ରାଜ୍ୟରେ ୨୫୨ଜଣ ଶିକ୍ଷକ ଜାଲ୍ ପ୍ରମାଣ ପତ୍ର ଦେଇ ଚାକିରି କରିଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରଥମ ପର୍ଯ୍ୟାୟରେ ଉଚ୍ଚ ନ୍ୟାୟାଳୟରେ ତଥ୍ୟ ନ୍ୟାୟାଳୟରେ ତଥ୍ୟ ରଖିଥିଲେ। ବର୍ତ୍ତମାନ ଯାଂଚ ପ୍ରକ୍ରିୟା ଜାରି ଥିବାବେଳେ ଏହି ସଂଖ୍ୟା ମଧ୍ୟ ଆହୁରି ଆହୁରି ବଢିଛି ନକଲି ଶିକ୍ଷକଙ୍କ ସଂଖ୍ୟା ୩ଶହ ଅତିକ୍ରମ କରିଥିବା ବେଳେ ନକଲି ମାଟ୍ରିକ ଦେଇ ମଧ୍ୟ ଚାକିରି ହାତେଇଥିବା ତଥ୍ୟ ସାମ୍ନାକୁ ଆସିଛି ନକଲି ଶିକ୍ଷକ ଯାଂଚ ପ୍ରକ୍ରିୟା କଡାକଡି କରିବା ତଥା ନକଲି ଶିକ୍ଷକଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପକ୍ଷକ୍ଷେପ ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶାଳୟ ତାଗିଦ୍ କରିଛି। ନକଲି ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆ ଯାଇଛି ବିଶେଷତଃ ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନଗୁଡିକରୁ ଯୋଗ୍ୟତା ହାସଲ କରିଥିବା ପିଲାଙ୍କ ଯୋଗ୍ୟତା ପ୍ରମାଣପତ୍ର ଭଲଭାବେ ଯାଂଚ ପାଇଁ ବିଭାଗ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛି।

## କମର୍ସ ଛାତ୍ର ଶିକ୍ଷକତା କରିପାରିବେ:କୋର୍ଟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସମସ୍ତ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଖୁସି ଖବର। ଏଣିକି କମର୍ସ ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନେ ସରକାରୀ ଶିକ୍ଷକ ପଦରେ ନିଯୁକ୍ତି ପାଇପାରିବେ। କମର୍ସରେ ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ପିଲାମାନେ ପଢିଥିବା ଇଂରାଜୀ ଓ ଅର୍ଥନୀତିକୁ ସ୍କୁଲ ପାଠ ହିସାବରେ ଗ୍ରହଣ କରାଯିବ। ଏହି ଆଧାରରେ ବାଣିଜ୍ୟ ଡିଗ୍ରୀଧାରୀଙ୍କୁ ଶିକ୍ଷକ ପଦରେ ନିଯୁକ୍ତି ଦିଆଯାଇ ପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ପୂର୍ବରୁ କେବଳ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀମାନେ ଶିକ୍ଷକତା କ୍ଷେତ୍ରରେ ସୁବିଧା ପାଉଥିଲେ। ହାଇକୋର୍ଟଙ୍କ ଏହି ନୂଆ ରାୟ ପରେ ଶିକ୍ଷକତା କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀଙ୍କୁ ଏହା ନିଶ୍ଚିତ ଫାଇଦା ଦେବ। ରାଜ୍ୟ ସରକାର ଆବେଦନକାରୀଙ୍କ ନିଯୁକ୍ତିକୁ ରଦ୍ଦ ପାଇଁ ଦେଇଥିବା ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତେବେ ଶିକ୍ଷକତା ପାଇଁ ଆବେଦନକାରୀଙ୍କୁ ସିବିଟି ସହ ଅନ୍ୟ ଯୋଗ୍ୟତା




ହାସଲ କରିବାକୁ ପଡିବ।

ସୂଚନାଯୋଗ୍ୟ ଯେ, ୨୦୨୧ରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସମସ୍ତ ଯୋଗ୍ୟତା ଥିବା ପରେ ବି ଆବେଦନକାରୀଙ୍କ ନାମ ରିଜେକ୍ଟ ଲିଷ୍ଟରେ ରହିଥିଲା। ଆବେଦନକାରୀଙ୍କ ବାଣିଜ୍ୟ ଡିଗ୍ରୀ ପାଠ୍ୟକ୍ରମରେ କୌଣସି ଦୁଇଟି ସ୍କୁଲ୍ ବିଷୟ ନ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇଂରାଜୀକୁ ବାଣିଜ୍ୟରେ କମ୍ୟୁନିକେଟିଭ୍ ଇଂରାଜୀ ଓ ଅର୍ଥନୀତିକୁ ବିଜିନେସ୍ ଇକୋନୋମିକ୍ସ କୁହାଯାଇଥାଏ। ଏହି ଦୁଇଟି ପାଠ୍ୟକ୍ରମର ନାମ ଯାହା ହେଲେ ବି ବିଷୟ ସମାନ ରହିଥିବା ହାଇକୋର୍ଟ କହିଛନ୍ତି।

## ଲାପ୍‌ଟପ୍ ଆବେଦନ ମେ ୧୦ଯାଏ ଘୁଞ୍ଚିଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜୁ ଯୁବ ସଶକ୍ତୀକରଣ ଯୋଜନା ୨୦୨୧ଅଧୀନରେ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନର ଅବଧିକୁ ଘୁଂଚାଇ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହ ଆବେଦନ ଅବଧିକୁ ମେ ୧୦ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ବର୍ତ୍ତମାନ ସୁଦ୍ଧା ଆବେଦନ କରିପାରିନ ଥିବା ଯୋଗ୍ୟ ଛାତ୍ରୀଛାତ୍ରମାନେ ଏହି ସମୟସୀମା




ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯୁକ୍ତ ୨ପାସ୍ କରିଥିବା ମେଧାବୀ ଛାତ୍ରୀଛାତ୍ରୀ ଲାପଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ଲାଗି ଆବେଦନ କରିପାରିବେ। ତୃତୀୟ ଥର ପାଇଁ ଆବେଦନର ଅବଧିକୁ ଘୁଂଚାଇ ଦିଆଯାଇଛି ଚଳିତ ବର୍ଷ ମାର୍ଚ୍ଚ ୨୨ରେ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହୋଇଥିବାବେଳେ ଆବେଦନରେ ଶେଷତାରିଖ ଏପ୍ରିଲ ୧୦ଥିଲା ପରେ ଏହାକୁ ଏପ୍ରିଲ ୩୦ଯାଏ ବୃଦ୍ଧି କରାଯାଇଥିଲା କେବଳ ୧୫ହଜାର ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶ ପାଇଥିଲା ସେମାନଙ୍କୁ ରାଜ୍ୟ ସରକାର ୩୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ।

## ମିଳିଲା ଦ୍ୱିତୀୟ ପୃଥିବୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମିଳିଲା ଆଉ ଏକ ପୃଥିବୀର ସନ୍ଧାନ। ପୃଥିବୀର ସୋଲାର ସିଷ୍ଟମରେ ଲୁଚି ରହିଛି ଦ୍ୱିତୀୟ ପୃଥିବୀ। ଶନି ଗ୍ରହ ନିକଟରେ ପୃଥିବୀ ଭଳି ଏକ ଗ୍ରହ ଥିବା ସନ୍ଧାନ ମିଳିଛି। ଶନି ଗ୍ରହ ଚାରିପଟେ ଘୂରି ବୁଲୁଥିବା ୮୨ଟି ଚନ୍ଦ୍ର ମଧ୍ୟରୁ ସବୁଠାରୁ ଆକର୍ଷଣୀୟ ହେଉଛି ଟାଇଟାନ। ଯାହା ପୃଥିବୀ ସହ ପ୍ରାୟତଃ ସମାନ। ଟାଇଟାନରେ ନଦୀ, ହ୍ରଦ ଏବଂ ସମୁଦ୍ର ଅଛି। ମାତ୍ର ଏହା ପୃଥିବୀ ଅପେକ୍ଷା ଭିନ୍ନ ସାମଗ୍ରୀରେ ପରିପୂର୍ଣ୍ଣ। ଟାଇଟନରେ ତରଳ ମିଥେନ କ୍ରିମ୍ ବରଫ ପୃଷ୍ଠ ତିଆରି କରୁଥିବା ବେଳେ ନାଇଟ୍ରୋଜେନ୍ ପବନ ଓ ହାଇଡ୍ରୋଜେନ୍ ବାଲୁକା ଗଦା ନିର୍ମାଣ କରୁଛି। ଷ୍ଟାନଫୋର୍ଡ ୟୁନିଭରସିଟିର ଭୂବିଜ୍ଞାନୀ ମାଥିଉ ଲାପୋଟ୍ରେଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଏହି ତଥ୍ୟ ହାସଲ କରିଛନ୍ତି। ଟାଇଟନରେ ସମତଳ ଭୂମି ଏବଂ ସବୁଜିମା



ସୃଷ୍ଟି ହୋଇପାରିବ ବୋଲି ଏହି ଅନୁସନ୍ଧାନରୁ ଜଣାପଡିଛି। ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଏହି ରହସ୍ୟମୟ ଦୁନିଆର ଅନୁସନ୍ଧାନରେ ଲାଗିଛନ୍ତି।

## ବିଧାୟକଙ୍କ ଦରମା ବଢୁ, ଭଲ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଧାୟକଙ୍କ ପାଇଁ ଏକ ଖୁସି ଖବର। ଖୁବ୍‌ଶୀଘ୍ର ବିଧାୟକମାନଙ୍କର ଦରମା ବୃଦ୍ଧି ହେବାକୁ ଯାଉଛି। କେନ୍ଦ୍ର ସରକାର ଦିଲ୍ଲୀର ବିଧାୟକଙ୍କ ଦରମା ବୃଦ୍ଧି ନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନ ବିଧାୟକମାନେ ସମସ୍ତ ଭତ୍ତା ସହ ମାସକୁ ୫୪ ହଜାର ଟଙ୍କା ପାଉଥିବା ବେଳେ ଏହି ମଞ୍ଜୁରୀ ପରେ ଏଣିକି ସେମାନେ ୯୦ ହଜାର ଟଙ୍କା ପାଇବେ। ଦିଲ୍ଲୀର ବିଧାୟକମାନଙ୍କର ବର୍ତ୍ତମାନ ବେସିକ ସାଲାରୀ ରହିଛି ୧୨ ହଜାର ଟଙ୍କା। ତେଣୁ ସମସ୍ତ ଭତ୍ତା ଅର୍ଥ ମିଶିବା ପରେ ବିଧାୟକମାନେ ଏଣିକି ମାସକୁ ୯୦ ହଜାର ଟଙ୍କା ପାଇବେ। ଏହା ପୂର୍ବରୁ ଦିଲ୍ଲୀ ସରକାର ୨୦୧୫ରେ କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସ୍ତାବ ରଖିଥିଲେ। ମାତ୍ର ମାତ୍ର ସେ ସମୟରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିନଥିଲା। ତେବେ ଏହି ପ୍ରସ୍ତାବକୁ ଏବେ ମଞ୍ଜୁରୀ ମିଳିଥିଲେ ହେଁ ସେଥିରେ ଅନେକ କାଣ୍ଟଛାଣ୍ଟ କରାଯାଇଥିବା ଦିଲ୍ଲୀ ବିଧାନସଭା ଅଧକ୍ଷ କହିଛନ୍ତି।

ବିଧାନସଭା ଅଧକ୍ଷ ରାମନିବାସ ଗୋୟଲ କହିଛନ୍ତି ଯେ, ପୂର୍ବରୁ ବିଧାୟକମାନଙ୍କର ଦରମା ଗତ ୨୦୧୧ ମସିହାରେ ବୃଦ୍ଧି ହୋଇଥିଲା। ୧୧ ବର୍ଷ ପରେ ଏତେ କମ୍ ମାତ୍ରାରେ ସାଲାରୀ ବୃଦ୍ଧି ହେବା ଉପଯୁକ୍ତ ନୁହେଁ। ଅନ୍ୟ ରାଜ୍ୟର ବିଧାୟକଙ୍କ ପରି ଦିଲ୍ଲୀ ବିଧାୟକଙ୍କୁ ସମାନ ଭତ୍ତା ମିଳିବା ଉଚିତ୍। ତେବେ କେନ୍ଦ୍ରର ମଞ୍ଜୁରୀ ପରେ ଏବେ ଦିଲ୍ଲୀ ବିଧାନସଭାର ପରବର୍ତ୍ତୀ ଅଧିବେସନରେ ବିଧାୟକଙ୍କ ସାଲାରୀ ବୃଦ୍ଧି ଅଣାଯିବ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସମୟରେ ଅନେକ ରାଜ୍ୟମାନଙ୍କ ମଧ୍ୟରେ ଉତ୍ତରାଖଣ୍ଡରେ ବିଧାୟକମାନେ ମାସିକ ୧.୯୮ ଲକ୍ଷ ଟଙ୍କା ଦରମା ପାଉଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ୧.୯୦ଲକ୍ଷ, ହରିୟାଣାରେ ୧.୫୫ଲକ୍ଷ, ବିହାରରେ ୧.୩୦ଲକ୍ଷ, ରାଜସ୍ଥାନରେ ୧,୪୨,୫୦୦, ତେଲେଙ୍ଗାନାରେ ୨.୫ଲକ୍ଷ, ଆନ୍ଧ୍ରପ୍ରଦେଶର ୧.୨୫ଲକ୍ଷ, ଗୁଜୁରାଟରେ ୧.୦୫ଲକ୍ଷ, ଉତ୍ତର ପ୍ରଦେଶରେ ୯୫ହଜାର ମାସିକ ଦରମା ରହିଛି।

## ମଧ୍ୟାହ୍ନ ଭୋଜନରେ ପଚା ଅଣ୍ଡା ଓ ପୋକା ବାଇଗଣ

**ବଲାଙ୍ଗିର(ସଂପର୍କବାର୍ତ୍ତା):-** ଜିଲ୍ଲା ଗାନ୍ଧିନଗରପଡା ପ୍ରାସିଙ୍ଗ ପ୍ରାଥମିକ ବିଦ୍ୟାଳୟରୁ ଆସିଛି ଏକ ସଙ୍ଗୀନ ଅଭିଯୋଗ। ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ଖାଦ୍ୟରେ ଅବ୍ୟବସ୍ଥା ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ମଧ୍ୟାହ୍ନ ଭୋଜନ ଆଳରେ ପିଲାଙ୍କୁ ଦିଆଯାଉଛି ପଚା ଅଣ୍ଡା, ପାଣିଆ ଡାଲି ପଚା ଆଳୁ ଓ ପୋକରା ବାଇଗଣ ଆଜି ପ୍ରାସିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ପାଣିଆ ଡାଲି ଓ ପଚା ଆଳୁ ଓ ପୋକରା ବାଇଗଣ। ଆଜି ପ୍ରାସିଙ୍ଗ ପ୍ରାଥିମକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପଚା ଅଣ୍ଡା ପାଣିଆ ଡାଲି ଓ ପଚା ଆଳୁ ଓ ପୋକରା ବାଇଗଣ ରୋଷେଇ କରି ଖାଇବାକୁ ଦିଆଯାଇଥିଲା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷୀରୁ ଏପରି ଖାଦ୍ୟ ରୋଷେଇ କରି ଦିଆଯାଇଥିବା ବେଳେ ଏହାକୁ ଖାଇ କିଛି ପିଲା ବାନ୍ତି କରିବା ସହ ନଖାଇକି ପଳାଇ ଆସିଥିଲେ। ତେବେ ଏପରି ଖାଦ୍ୟ ରନ୍ଧା ହେଉଥିବା

### ଏମାନଙ୍କୁ ଧର୍ମ ସହିବ ତ ?

ସମୟରେ ସ୍କୁଲର ଜଣେ କମିଟି ଦେଖିଥିବା ବେଳେ ଏହି କଥାକୁ କିନ୍ତୁ ଫାଙ୍କି ଦେଇଛନ୍ତି। ମସଲା ଓ ଟମାଟୋ କମ୍ ପଡି ଥିବାରୁ ପିଲାମାନେ ଖାଇନଥିଲେ। ଆଜି ପ୍ରାସିଙ୍ଗ୍ ପ୍ରାଥିମକ ବିଦ୍ୟାଳୟରରେ ପକ୍ଷରୁ ଏପରି ଖାଦ୍ୟ ରୋଷେଇ କରି ଦିଆଯାଇଥିବା ବେଳେ ଏହାକୁ ଖାଇ କିଛି ପିଲା ବାନ୍ତି କରିବା ସହ ନଖାଇକି ପଳାଇ ଆସିଥିଲେ। ତେବେ ଏପରି ଖାଦ୍ୟ ରନ୍ଧା ହେଉଥିବା ସମୟରେ ସ୍କୁଲରେ ଜଣେ କମିଟି ସଦସ୍ୟ ଦେଖିଥିବା ବେଳେ ଏହି କଥାକୁ ଫାଙ୍କି ଦେଇଛନ୍ତି। ମସଲା ଓ ଟମାଟୋ କମ୍ ପଡିଥିବାରୁ ପିଲାମାନେ ଖାଇନଥିଲେ ବୋଲି ଯୁକ୍ତି ବାଢିଥିଲେ। ସୂଚନା ଅନୁସାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ପିଲାମାନଙ୍କୁ ସ୍କୁଲା ମୁହାଁ କରିବା ଲକ୍ଷ୍ୟରେ ସରକାର ଆରମ୍ଭ କରିଛନ୍ତି ମଧ୍ୟାହ୍ନ ଭୋଜନ ଯୋଜନା ପିଲାଙ୍କୁ ଉନ୍ନତ ମାନର ଖାଦ୍ୟ ଯୋଗାଇ ଦେବା ପାଇଁ କୋଟିକୋଟି ଖର୍ଚ୍ଚ ମଧ୍ୟ ହେଉଛି ହେଲେ ଏପରି ଖାଦ୍ୟ ଛାତ୍ରଛାତ୍ରୀଙ୍କ ଦେବା ସାଧାରଣରେ ନିନ୍ଦନୀୟ।

## ରାତି ୩ଟା ପର୍ଯ୍ୟନ୍ତ ବାର୍ ଖୋଲ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମଦ ପିଉଥିବା ଲୋକଙ୍କ ପାଇଁ ଖୁସି ଖବର। ଏବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହିବ ମଦ ଦୋକାନ। ନିକଟରେ ଦିଲ୍ଲୀ ସରକାର ରାତି ୩ଟା ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରଖିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏ

### ବ୍ୟବସାୟୀ ଓ ମଦୁଆ ଖୁସି

ନେଇ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଖୁବଶୀଘ୍ର ଅବକାରୀ ନୀତି ୨୦୨୧-୨୨ ଅନୁସାରେ ଆଦେଶ ଜାରି କରାଯିବାର ସମ୍ଭାବନା ରହିଛି। ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଦିଲ୍ଲୀର ରେଷ୍ଟୁରାଣ୍ଟମାନଙ୍କରେ ବର୍ତ୍ତମାନ ରାତି ୧ଟା ପର୍ଯ୍ୟନ୍ତ ବାର୍ ଖୋଲିବାକୁ



ଅନୁମତି ରହିଛି। ମାତ୍ର ଏହି ସମୟ ଅବଧି ଆଗକୁ ବୃଦ୍ଧି ପାଇବାକୁ ଯାଉଛି। ତେବେ ରାତି ୩ଟା ପର୍ଯ୍ୟନ୍ତ ବାର୍ ଖୋଲିବାକୁ ଅନୁମତି ଦିଆଯିବା ପରେ ଅବକାରୀ ବିଭାଗ ପୋଲିସ୍ ଓ ଅନ୍ୟ ସଂସ୍ଥାଗୁଡିକ ମିଳିମିଶି କାର୍ଯ୍ୟ କରିବେ।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ନଭେମ୍ବର ମାସରେ ନୂଆ ଅବକାରୀ ନୀତି ଲାଗୁ କରିବାକୁ ସୁପାରିଶ କରାଯାଇଥିଲା। ଗୁରୁଗ୍ରାମ ଓ ଫରିଦାବାଦ ପରି ପଡୋଶୀ ସହରଗୁଡିକରେ ରାତି ୩ଟା ପର୍ଯ୍ୟନ୍ତ ବାର ଖୋଲିବାକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ନୋଏଡା ଓ ଗାଜିଆବାଦରେ ରାତି ୧ଟା ପର୍ଯ୍ୟନ୍ତ ବାର ଖୋଲା ରହୁଛି। ତେବେ ଏ ନେଇ ନ୍ୟାସନାଲ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ(ଏନଆର୍‌ଏଆଇ)ର ଅଧକ୍ଷ କହିଛନ୍ତି ଯେ, ଅବକାରୀ ନୀତି ୨୦୨୧-୨୨ ଅନୁଯାୟୀ ବାର୍ ଖୋଲିବା ଟାଇମିଂକୁ ନେଇ କୌଣସି ବାର୍ ଖୋଲିବାକୁ ଅନୁମତି ଦେବା ପାଇଁ ଆମେ ସରକାରଙ୍କ ନିକଟରେ ଦାବି ରଖିଛୁ।

## ଏସ୍‌ପି ହେବ ତ ଏମିତି !

### ଏସ୍‌ପିଙ୍କୁ ଗ୍ରାଣ୍ଡ ଫେରୱେଲ୍ ! ଡିଜେ, ବାଇକ୍ ରାଲି ସହ କାନ୍ଧରେ ବସାଇ ବୁଲାଇଲେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆପଣ ଗ୍ରାଣ୍ଡ ୱେଲ୍‌କମ୍ ଦେଖିଥିବେ। ହେଲେ ଗ୍ରାଣ୍ଡ ଫେରୱେଲ୍ ଦେଖିବାକୁ ମିଳିଛି କଳାହାଣ୍ଡିରେ। ଜିଲ୍ଲାର ଏସ୍‌ପି ଡ. ଶ୍ରବଣ ବିବେକଙ୍କୁ ଦିଆଯାଇଛି ଗ୍ରାଣ୍ଡ ଫେରୱେଲ୍। ପୁରା ଜିଲ୍ଲାର ପୋଲିସ୍ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କୁ ଏଭଳି ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ଯେ, ଏବେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ୍ କର୍ମୀଙ୍କ ପକ୍ଷରୁ ଏଭଳି ବିଦାୟ ସମ୍ବର୍ଦ୍ଧନା କଳାହାଣ୍ଡି ଜିଲ୍ଲାରେ ପ୍ରଥମ ଏସ୍‌ପିଙ୍କୁ କାନ୍ଧରେ ବସାଇ ବୁଲାଇଥିଲେ ପୋଲିସ୍ କର୍ମୀ। ଖାଲି ସେତିକି ନୁହେଁ ତାଙ୍କ ପାଇଁ ଏକ ବିରାଟ ବାଇକ୍ ରାଲି ମଧ୍ୟ ଆୟୋଜନ କରାଯାଇଥିଲା।

ଏସ୍‌ପିଙ୍କ ବାସଭବନରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ପୋଲିସ୍ ରିଜର୍ଭ ଛକରେ ପହଞ୍ଚିଥିଲା। ପରେ ସେଠାରୁ ଏସ୍‌ପିଙ୍କୁ କାନ୍ଧରେ ବସାଇ ପୋଲିସ୍ କର୍ମଚାରୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦାୟ ସମ୍ବର୍ଦ୍ଧନା ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ ପୋଲିସ୍ କର୍ମଚାରୀ। ଏମିତି ଡିଜେ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏସ୍‌ପି ଶ୍ରବଣ ବିବେକଙ୍କୁ ଏବେ ବ୍ରହ୍ମପୁର ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି। ତେଣୁ ତାଙ୍କୁ କଳାହାଣ୍ଡି ଛାଡିବାକୁ ପଡିଛି। ଶେଷ ଦିନରେ ତାଙ୍କୁ ଏଭଳି ଗ୍ରାଣ୍ଡ୍ ଫେର୍‌ୱେଲ୍ ଦିଆଯାଇଛି।




ଦୀର୍ଘ ୧ ବର୍ଷରୁ ଅଧିକ ସମୟ ଧରି ଶ୍ରବଣ ବିବେକ କଳାହାଣ୍ଡି ଏସ୍‌ପି ଦାୟିତ୍ୱ ତୁଲାଇ ଆସୁଥିଲେ। ଏହି ସମୟରେ ସେ ସାଧାରଣ ଲୋକଙ୍କର ମଧ୍ୟ ନିକଟତର ହୋଇଥିଲେ। ଜନସାଧାରଣଙ୍କ ସହ ସୁସମ୍ପର୍କ ଓ ନିଜ ପୋଲିସ୍ ବିଭାଗର ଅଧିକାରୀମାନଙ୍କ ସହ ମିଳିମିଶି କାର୍ଯ୍ୟ କରୁଥିଲେ। ଯାହା ଜିଲ୍ଲାର ସାଧାରଣ ଜନତା ଓ ପୋଲିସ୍ କର୍ମଚାରୀ କେବେ ଭୁଲିପାରିବେ ନାହିଁ। ତେଣୁ ତାଙ୍କୁ ଏଭଳି ଅଭିନବ ଭାବରେ ବିଦାୟ ଦିଆଯାଇଛି।

## ସମ୍ପାଦକୀୟ

# PRESS ସାଧୀନତା ହରାଉଛି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରେସ୍ ବା ଗଣମାଧମ ତଣତନ୍ତ୍ରର ୪ର୍ଥ ସ୍ତମ୍ଭ ଭାବେ ପରିଚିତ। ଲୋକଙ୍କୁ ସଚେତନ ଓ ଅବଗତ କରିବାକୁ ଗଣମାଧମର ସାଧୀନତା ମହତ୍ୱପୂର୍ଣ୍ଣ ଅଟେ। ଶାସକ-ପ୍ରଶାସକକୁ ଗଣମାଧମ ତଦାରଖ କରେ। ଦେଶ ବା ରାଜ୍ୟର ହିତରେ କାର୍ଯ୍ୟ କରିବାକୁ ଗଣମାଧମ ସରକାରଙ୍କୁ ବାଧ କରିଥାଏ। ଗଣମାଧମ ଚୁପ୍ ହୋଇଗଲେ ବା ତା' ସାଧୀନତାକୁ ଛଡାଇ ନିଆଗଲେ, ଦେଶ ବା ରାଜରେ ମନମୁଖୀ କାର୍ଯ୍ୟ ଚାଲିବା ଆରମ୍ଭ ହୁଏ।

ଜନତା ଓ ସତ୍ତା ବା ସରକାରଙ୍କ ଭିତରେ ଯୋଗାଯୋଗର ମାଧମ ଭାବେ ଗଣମାଧମ(ପ୍ରେସ୍) କାମ କରିଥାଏ। ଏକ ମୁକ୍ତ ଗଣମାଧମ ନିକଟରେ ସତ୍ୟକୁ ଲୋକଲୋଚନକୁ ଆଣିବା ତଥା ଲୋକଙ୍କ ମତାମତକୁ ଆକାର ଦେବାର ଉତ୍ତରଦାୟିତ୍ୱ ରହିଛି। ଏଣୁ ଗଣମାଧମର ସାଧୀନତାର ଗୁରୁତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ମନେପକାଇ ଦେବାକୁ ପ୍ରତିବର୍ଷ ବିଶ୍ୱ ଗଣମାଧମ ଦିବସ ବା "ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଡେ" ପାଳନ କରାଯାଏ। ପ୍ରତିବର୍ଷ ମେ ୩ ତାରିଖରେ ଗଣମାଧମର ସତନ୍ତ୍ରତା ଏବଂ ସାମ୍ବାଦିକଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ସାରା ବିଶ୍ୱ ଏହି ଦିବସକୁ ପାଳନ କରିଥାଏ। ଏହାସହ ସମଗ୍ର ଦୁନିଆର ରାଷ୍ଟ୍ରାଧକ୍ଷମାନଙ୍କୁ ଅଭିବ୍ୟକ୍ତିର ସାଧୀନତାକୁ ସମ୍ମାନ ଜଣାଇବା ସହ ଏହାର ପାଳନ କରିବା ଲାଗି ସେମାନଙ୍କ କର୍ତ୍ତବ୍ୟ ମନେ ପକାଇଥାଏ। ୟୁନେସ୍କୋ ମହାସମ୍ମିଳନର ସୁପାରିଶ କ୍ରମେ ୧୯୯୩ ମସିହା ଡିସେମ୍ବର ମାସରେ ମିଳିତ ଜାତିସଂଘ ମେ ୩କୁ "ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଡେ" ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ସେହିଦିନ ଠାରୁ ପ୍ରେସ୍ ଡେ' ପାଳନ କରାଯାଉଛି।

ସାରା ଦୁନିଆରେ ସାମ୍ବାଦିକମାନଙ୍କୁ ବିଭିନ୍ନ ପ୍ରକାର କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଆଜିର ସମୟରେ ସାମ୍ବାଦିକଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଆଉ ଗଣମାଧମକୁ ସାଧୀନ ଭାବେ ନିଜର କର୍ତ୍ତବ୍ୟ କରିବାକୁ ଦିଆଯାଉନାହିଁ। ଅନେକ ସମୟରେ ଗଣମାଧମର ପ୍ରତିନିଧିମାନେ ଦୁର୍ନୀତିଖୋର ଓ ଅପରାଧୀଙ୍କ ଅକ୍ରୋଶର ଶୀକାର


ସମ୍ପାଦକ

ହେଉଛନ୍ତି। କେଉଁଠି ମୁଖା ଖୋଲିବା ଭୟରେ ସାମ୍ବାଦିକଙ୍କ ହତ୍ୟା କରାଯାଉଛି ତ ଆଉ କେଉଁଠି ହତ୍ୟା ଉଦ୍ୟମ କରାଯାଉଛି। ତେବେ ଗତ କିଛିଦିନ ହେଲା ସରକାରୀକଳ ବା ପ୍ରଶାସନ ମଧ ଗଣମାଧମ ଉପରେ ଆକ୍ରୋଶମୂଳଖ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ଆମ ରାଜ୍ୟ ଓଡ଼ିଶାରେ ନିକଟ ଅତୀତରେ ଏଭଳି ଅନେକ ଘଟଣା ଘଟିଥିଲେ ମଧ ସରକାର ସାମ୍ବାଦିକଙ୍କ ସୁରକ୍ଷା ଆଇନ ଲାଗୁ କରିନାହାଁନ୍ତି। ଯାହା ପ୍ରେସ୍ ବା ଗଣମାଧମ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ଦେଶର କେତେକ ରାଜ୍ୟରେ ପ୍ରଭାବଶାଳୀ ବ୍ୟକ୍ତି ତଥା ରାଜନୈତିକ ଦଳ ଗଣମାଧମକୁ ନିଜ କବ୍‌ଜାକୁ ନେବାକୁ ଚେଷ୍ଟା ଚଳାଇଛନ୍ତି। ନେତାଙ୍କ ମତରେ ଯାହା ସପକ୍ଷରେ ଯେତେ ମିଡିଆ ସେ ସେତେ ପ୍ରଭାବଶାଳୀ। ତେଣୁ ପ୍ରେସ୍ ବା ଗଣମାଧମକୁ ଲୋଭ ଓ ଭୟ ଦେଖାଇ କିଣିବାକୁ ଉଦ୍ୟମ କରାଯାଉଛି। କେତେକସ୍ଥଳେ ଅନେକ ବଡବଡିଆ ମିଡିଆ ହାଉସ ସେହି ତଥାକଥିତ ବ୍ୟକ୍ତିଙ୍କ କବ୍‌ଜାକୁ ଚାଲିଯାଉଥିବା ମଧ ନଜୀର ରହିଛି। ଫଳରେ ଗଣମାଧମ ଆଉ ବାସ୍ତବ ନୁହେଁ ବରଂ ସେମାନେ ଚାହୁଁଥିବା ଖବର ପ୍ରକାଶ/ପ୍ରସାର କରିବାକୁ ବାଧ ହେଉଛନ୍ତି। ସତେ ଯେମିତି ସାଧୀନ ଭାରତରେ ଗଣମାଧମ ହାତରେ ବେଢ଼ି ପଡିଛି କି?

ପ୍ରଶାସନର ଜାଗ୍ରତ ପ୍ରହରି ସାଜୁଥିବା ଗଣମାଧମ ଏବେ ସବୁଦେଖି ନ ଦେଖିଲା ପରି ରହିଯାଉଛି। ଯେଉଁ ଗଣମାଧମ ସାଧୀନ ଭାବେ ନିଜର କର୍ତ୍ତବ୍ୟ କରିବାକୁ ଚେଷ୍ଟା କରୁଛି, ସେମାନଙ୍କୁ ଦମନ କରାଯାଉଛି। ଏଭଳିସ୍ଥିତିରେ ଗଣମାଧମ ଆଉ ସାଧୀନ ନୁହେଁ ବରଂ ପରାଧିନ ଆଡକୁ ଗତି କରୁଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଇତି ମଧରେ ଡିଜିଟାଲ ମିଡିଆର ଆର୍ବିଭାବ ହୋଇ ସତ୍ୟ ଲେଖିବାକୁ ସାହାସ ଜୁଟାଇଥିଲେ। ଅଧିକାଂଶ ଡିଜିଟାଲ ମିଡିଆ ସାଧୀନ ଭାବେ ନିଜର ଦାୟିତ୍ୱ ତୁଲାଉଥିଲେ ମଧ ସେମାନଙ୍କୁ କେଉଁଠି କେଉଁଠି ଚାପ ପକାଯାଉଛି। କେତେକ ଡିଜିଟାଲ ମିଡିଆ ପୁଞ୍ଜିପତିଙ୍କ ପାଖରେ ବନ୍ଧା ମଧ ପଡିଯାଇଛି।

ତେଣୁ ପ୍ରେସ୍ ଦିବସରେ ସମସ୍ତ ଗଣମାଧମ ଓ ସାମ୍ବାଦିକମାନେ ଗଣମାଧମର ଗୁରୁତ୍ୱ ଏବଂ କର୍ତ୍ତବ୍ୟକୁ ପାଳନ କରିବାକୁ ପ୍ରତିଜ୍ଞା କରିବା ଆବଶ୍ୟକ ହୋଇପଡିଛି। ନଚେତ ସମୟ ଆସିବ ଗଣମାଧମ ପୁଞ୍ଜିପତି ଓ ରାଜନେତାଙ୍କ ପାଖରେ ସଂପୂର୍ଣ୍ଣ ଭାବେ ସାଧୀନତା ବନ୍ଧା ପଡିବ, ଏଥିରେ ସନ୍ଦେହ ନାହିଁ।




ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଖରାଦିନିଆ ସମସ୍ୟା

ଚର୍ମ କର୍କଟ : ଏହି ଋତୁରେ ଡାକ୍ତରଖାନାରେ ବେଶି ସଂଖ୍ୟାରେ ଚର୍ମ କର୍କଟ ରୋଗୀଙ୍କୁ ଦେଖିବାକୁ ମିଳେ । ପ୍ରତି ବର୍ଷ ଏକ ନିୟୁତ ଲୋକ ଚର୍ମ କର୍କଟରେ ଆକ୍ରାନ୍ତ ହୁଅନ୍ତି । ଅଧିକ ସମୟ ଖରାରେ ବିତାଇଲେ, ଅସହାୟ ଖରାକୁ ତ୍ୱଚା ସହ୍ୟ କରି ନପାରି ପୋଡ଼ିଯାଏ। ଏହାକୁ ଅଣଦେଖା କଲେ ଏହା ଧୀରେ ଧୀରେ କର୍କଟର ରୂପ ନିଏ । ଏହାକୁ ଆରମ୍ଭରୁ ଚିହ୍ନି ପାରିଲେ ସହଜରେ ଚିକିତ୍ସା କରିହେବ । ହେଲେ ଯଦି ଜାଣି ନପାରି ବିଳମ୍ବ ହୁଏ, ତେବେ ବହୁ ଅସୁବିଧାର ସାମ୍ନା ହେବାକୁ ପଡ଼େ । ତେଣୁ ଖରାରୁ ସର୍ବଦା ତ୍ୱଚାକୁ ସୁରକ୍ଷା କରନ୍ତୁ । ବେଶି ଖରାରେ ବାହାରକୁ ବାହାରନ୍ତୁ ନାହିଁ । ଯଦି ଅତି ଦରକାର ଅଛି, ତେବେ ଛତା ନେଇ ବାହାରନ୍ତୁ।

ଅଂଶୁଘାତ : ପ୍ରଚଣ୍ଡ ଖରା ଯୋଗୁଁ ଅଂଶୁଘାତ ପରି ସମସ୍ୟା ଦେଖାଯାଏ । ଅଂଶୁଘାତ ହେଲେ ଜ୍ୱର ହେବା ପରି ଦେହ ତାତି ଯାଏ, ମୁଣ୍ଡ ବୁଲାଇ ପକାଏ, ଝାଳ ବୋହେ ନାହିଁ, ଶରୀର ବିଚଳିତ ହୋଇପଡ଼େ । ଏହା ଜୀବନ ନେଇଯାଇପାରେ । ଏଣୁ ଖରାରେ ବାହାରିଲେ ଛତା ନେବା ସହ ଘରୁ ପ୍ରଚୁର ପାଣି ପିଇ ବାହାରନ୍ତୁ । ସାଙ୍ଗରେ ପାଣି ବୋତଲ ଧରି ବାହାରନ୍ତୁ । ଅତି ଦରକାର ନ ହେଲେ ଖରାରେ ଘରୁ ବାହାରକୁ ବାହାରନ୍ତୁ ନାହିଁ ।

ଫୁଡ୍ ପଏଜନିକ୍ : ଏକ ସର୍ଭେ ଅନୁଯାୟୀ ପ୍ରତି ବର୍ଷ ୭୬ ନିୟୁତ ଲୋକ ଫୁଡ୍ ପଏଜନିକ୍ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହିଦିନେ ଲୋକମାନେ ବାହାରେ ବେଶି ବୁଲାବୁଲି କରିବାକୁ ପସନ୍ଦ କରନ୍ତି । ରାସ୍ତା କଡ଼ରେ ଖୋଲା ଆକାଶ ତଳେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଖାଆନ୍ତି । ଖରା ଦିନେ ଅଧିକ ଲୁ ପବନ ବାହିବା ଯୋଗୁଁ ଖାଦ୍ୟରେ ଧୂଳି ମାଟି ଉଡି ମିଶିଥାଏ । ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିକ୍ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼େ । ଏଥିପାଇଁ ବାହାର ଖାଦ୍ୟ ଖାଆନ୍ତୁ ନାହିଁ । ଦୂର ବାଟ ଯାଉଥିଲେ ସାଙ୍ଗରେ ଖାଦ୍ୟ ଓ ପାଣି ଧରି ଯାଆନ୍ତୁ ।

ଆଖି ଦୁର୍ବଳ : ଅତ୍ୟଧିକ ଖରା ଯୋଗୁଁ ଆଖି ମଧ ଦୁର୍ବଳ ହୋଇପଡ଼େ। ମନେରଖନ୍ତୁ ଯେତେବେଳେ ଖରାରେ ବାହାରକୁ ବାହାରୁଛନ୍ତି ସନ୍ ଗ୍ଲାସ୍ ପିନ୍ଧି ବାହାରିବା ପାଇଁ ଭୁଲନ୍ତୁ ନାହିଁ ।

ଦୁର୍ଘଟଣା : ଏହି ଦିନରେ ମଧ ଅଧିକ ଗାଡ଼ି ଦୁର୍ଘଟଣା ସମସ୍ୟା ଦେଖାଯାଏ । ଖରା ଯୋଗୁଁ ଶରୀର ତାତି ରହେ । ମୁଣ୍ଡ ମଧ ବୁଲାଏ । ଡ୍ରାଇଭର ନିଜକୁ ନିୟନ୍ତ୍ରଣ ମଧରେ ରଖିପାରେ ନାହିଁ । ଯେଉଁଥି ପାଇଁ ଦୁର୍ଘଟଣା ହୋଇଥାଏ । ଡ୍ରାଇଭିଙ୍ଗ ସମୟରେ କେବେ ବି ମଦ୍ୟପାନ କରନ୍ତୁ ନାହିଁ । କାରଣ ଖରା ସହ ଏହା ଶରୀରକୁ ଅଧିକ ଗରମ କରିଦିଏ । ପାଖରେ ପାଣି ବୋତଲ ରଖନ୍ତୁ । ମଧାହ୍ନ ସମୟରେ ଡ୍ରାଇଭିଙ୍ଗ କରନ୍ତୁ ନାହିଁ ।

ବୁଡ଼ି ମରିବା : ଗ୍ରୀଷ୍ମ ଋତୁରେ ପାଣିରେ ବୁଡ଼ି ମରିବା ପରି ସମସ୍ୟା ବେଶି ଦେଖାଯାଏ । ପ୍ରତିବର୍ଷ ପ୍ରାୟ ୩,୦୦୦ ଲୋକ ବୁଡ଼ି ମରିଥାନ୍ତି । ଅତ୍ୟଧିକ ଗରମ ହେତୁ ଥଣ୍ଡା ପାଣି ନଦୀ ଓ ନାଳ, ପୋଖରୀରେ ଗାଧୋଇବାକୁ ଯାଇ ଜୀବନ ହାରନ୍ତି । ଏଥିପାଇଁ


**ଡାକ୍ତର ଦିଲ୍ଲୀପ କୁମାର ମହାରଣା**
ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩

କେବେ ହେଲେ ଏକା ଗାଧୋଇବାକୁ ଯାଆନ୍ତୁ ନାହିଁ । ବେଶି ଗଭୀର ପାଣିରେ ଗାଧାନ୍ତୁ ନାହି । ସାଙ୍ଗରେ ଟିଉ ଧରି ପହଁରନ୍ତୁ ।

ଶରୀରରୁ ପାଣି କମିଯିବା : ଖରାଦିନେ ଅତ୍ୟଧିକ ଝାଳ ବାହାରିବା ଯୋଗୁଁ ଶରୀରରୁ ଜଳୀୟ ଅଂଶ କମିଯାଏ । ଏହାଦ୍ୱାରା ହିଁ ଅଂଶୁଘାତ ପରି ସମସ୍ୟା ହୋଇଥାଏ । ତେଣୁ ଦୂର ଯାତ୍ରା କରୁଥିଲେ ସାଙ୍ଗରେ ପାଣି ଧରି ବାହାରନ୍ତୁ । ପ୍ରଚୁର ଥଣ୍ଡା ପାନୀୟ ପିଅନ୍ତୁ । ତରଭୂଜ ପରି ପ୍ରଚୁର ପାଣିଥିବା ଫଳ ଖାଆନ୍ତୁ । ଦିନକୁ ପ୍ରାୟ ୮-୧୦ ଲିଟର ପାଣି ପିଅନ୍ତୁ ।

ମଶା କାମୁଡ଼ିବା : ଏହି ଦିନେ ମଶାମାନଙ୍କର ମଧ ବହୁତ ପ୍ରାର୍ଦୁଭାବ ଦେଖାଯାଏ । ମଶା କାମୁଡ଼ି ହେବା ସହ ଯନ୍ତ୍ରଣା ହୋଇଥାଏ । ଏହାଦ୍ୱାରା ମ୍ୟାଲେରିଆ ପରି ରୋଗ ହୋଇଥାଏ । ଯେତେ ସମ୍ଭବ ମଶାରୀ ଟାଙ୍ଗି ଶୁଅନ୍ତୁ, ମଶା ଧୂପ ବ୍ୟବହାର କରନ୍ତୁ ।

ଅନସେଫ୍ ସେକ୍ସ : ଏହି ଦିନରେ ସେକ୍ସ ରିଲେସନ୍‌କୁ ଇନ୍‌ଫେକସନ୍ ମଧ ହୋଇଥାଏ । ଏପରିକି ଇନ୍‌ଫେକସନ୍‌ରୁ ଏଚ୍‌ଆଇଭି ପରି ମାରାତ୍ମକ ରୋଗ ମଧ ହୋଇଥାଏ । ତେଣୁ ପ୍ରଥମେ ଏହାର ସୁରକ୍ଷିତ ଦିଗଗୁଡ଼ିକୁ ଭଲ ଭାବରେ ଜାଣନ୍ତୁ । ତାପରେ ରିଲେସନ୍ ରଖନ୍ତୁ ।

ନିଆଁ ଲାଗିବା : ଏହି ଦିନରେ ପ୍ରତିବର୍ଷ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିଆଁରେ ପୋଡ଼ି ହୋଇ ମରନ୍ତି । ଖରାରେ ଘର ଏବଂ ଘରର ଆସବାପତ୍ର ମଧ ତାତି ଥାଏ । ଟିକେ ନିଆଁ ସଂସ୍ପର୍ଶରେ ଆସିଲେ ଏଗୁଡ଼ିକ ଜଳିଯାଏ । ଏହାସହ ଲୋକ ମଧ ଜଳିଯାଆନ୍ତି। ତେଣୁ ଯେତେ ସମ୍ଭବ ନିଆଁକୁ ଯତ୍ନ ସହାୟତାରେ ବ୍ୟବହାର କରନ୍ତୁ। ପିଲାଙ୍କୁ ନିଆଁ ଠାରୁ ଦୂରେଇ ରଖନ୍ତୁ । ସର୍ବଦା ଫାୟାର ଷ୍ଟେସନର ଫୋନ ନମ୍ବର ପାଖରେ ରଖନ୍ତୁ । ସେପରି ପରିସ୍ଥିତି ଉପୁଜିଲେ ଅଫିସକୁ ଫୋନ କରିପାରିବେ ।

ଗରମରୁ ରକ୍ଷା କରିବ ଖାଦ୍ୟ :

ଖରାଦିନେ ସୁସ୍ଥ ରହିବାକୁ ହେଲେ ସୁସ୍ଥ ଖାଦ୍ୟ ଖାଇବା ଦରକାର । ପ୍ରଥମତଃ ପ୍ରଚୁର ପାଣି ପିଅନ୍ତୁ, ନଡ଼ିଆ ପାଣି, ତରଭୂଜ ଆଦି ପାଣି ଥିବା ଫଳ ଖାଆନ୍ତୁ । ଏଥିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥିବାରୁ ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଏହାଦ୍ୱାରା ଶରୀରରୁ ଜଳୀୟ ଅଂଶ କମେ ନାହିଁ । ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ । କେତେବେଳେ ବି ଅଧିକ ଖାଇବେ ନାହିଁ । ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟି ଥବାରୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଖରା ପ୍ରଭାବରେ ହେଉଥିବା ରୋଗରୁ ଏହା ରକ୍ଷା କରେ । ସନ୍‌ଷ୍ଟ୍ରୋକ୍, ଡାଇରିଆ, ଗ୍ୟାସଷ୍ଟିକ୍, କଲେରା, ଜଣ୍ଡିସ୍ ପରି ରୋଗ ବେଶୀ ଦେଖାଯାଏ । ଏଥିପାଇଁ ସର୍ବଦା ସତର୍କ ରହିଥିବେ । ରାସ୍ତା କଡ଼ରେ ତିଆରି ହେଉଥିବା ଖାଦ୍ୟ ଖାଇବେ ନାହିଁ । ପରିଷ୍କାର ପାଣି ପିଇବେ । ଖାଲି ପେଟରେ ରହିବେ ନାହ। ବେଶୀ ଗରମ ଖାଖ୍ୟ ଖାଇବେ ନାହିଁ । ଦିନକୁ ୬-୮ ଲଟିର ପାଣି ପିଇବେ ।

# ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଯତ୍ନ

ପ୍ରବଳ ତୀବ୍ର ଖରାରେ ସମଗ୍ର ଓଡ଼ିଶା ତାତିଲା ତାୱାରେ ଆଉଟୁ ପାଉଟୁ ହେଉଥିବାବେଳେ ଅଦିନିଆ କାଳ ବୈଶାଖୀ ବର୍ଷା ବା ବାତ୍ୟାଜନିତ ବର୍ଷା ପରିବେଶକୁ ଥଣ୍ଡା ଓ କୋହଲା କରୁଛି ସତ କିନ୍ତୁ ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଦିନିଆ ଅଚାନକ ଝଡ଼ବର୍ଷାରେ କେହି କେହି ତିନ୍ତି ଥଣ୍ଡାଜନିତ ରୋଗରେ ପଡ଼ିଥାନ୍ତି। କେହି କେହି ପ୍ରଦୂଷିତ ପାଣିକୁ ନେଇ ଝାଡ଼ାବାନ୍ତି ରୋଗକୁ ସାମ୍ନା କରିଥାନ୍ତି। କାରଣ ଏହି ସମୟରେ ଅନେକ ପାଣି ଟ୍ୟାପ ବା ଭୂତଳ ଜଳ ବ୍ୟବସ୍ଥାରେ ବାହାରେ ରହିଥିବା ବଡ଼ ବଡ଼ ଗାତ ଦ୍ୱାରା ବର୍ଷା ପାଣି ବା ଡ୍ରେନର ଅପରିଷ୍କାର ବର୍ଜ୍ୟ ପାଣି ଭିତରକୁ ଚାଲିଯାଇ ଏହା ଜଳ ଯୋଗାଣ ବ୍ୟବସ୍ଥାକୁ ପ୍ରଦୂଷିତ କରିଥାଏ। ଆମେ ବସବାସ କରୁଥିବା ଏ ପରିବର୍ତ୍ତନଶୀଳ ପୃଥିବୀର ରହସ୍ୟ ବଡ଼ ବିଚିତ୍ର। ସୂର୍ଯ୍ୟ ଉଦୟ ଠାରୁ ଅସ୍ତ ପର୍ଯ୍ୟନ୍ତ, ଖରା, ବର୍ଷା ଓ ଶୀତର ପ୍ରଭାବ, ଝଡ଼, ବାତ୍ୟା, ବନ୍ୟା, ଭୂମିକମ୍ପ, ରୁଦ୍ରତାପ, ମରୁଡ଼ି ଇତ୍ୟାଦି ଯାହାସବୁ ଘଟେ ଏହାର ଭୌଗୋଳିକ କାରଣ କିମ୍ବା ଜଳବାୟୁର ପରିବର୍ତ୍ତନ ହିଁ ଦାୟୀ। ପ୍ରତ୍ୟେକ ସମୟରେ ପ୍ରକୃତିର ନିୟମ ଅନୁସାରେ ଜୀବନ ନିର୍ବାହ କରିବାକୁ ପଡ଼େ। ଯେଉଁଠି ଯେତେବେଳେ ପ୍ରକୃତିର ନିୟମ ଲଂଘଡ଼ ହୁଏ ସେଇଠି ଆରମ୍ଭ ହୁଏ ପ୍ରକୃତିର ତାଣ୍ଡବ ଲୀଳା। ତେଣୁ ଆମେ ସମସ୍ତେ ପ୍ରକୃତିରେ ବନ୍ଧା। ବର୍ଷକ ବାରମାସ। ପ୍ରତ୍ୟେକ ଦୁଇ ମାସରେ ଗୋଟିଏ ଋତୁ। ଜାନୁୟାରୀ ଓ ଫେବୃଆରୀକୁ ବସନ୍ତ ଋତୁ, ମାର୍ଚ୍ଚ ଓ ଅପ୍ରେଲକୁ ଗ୍ରୀଷ୍ମ ଋତୁ, ମେ ଓ ଜୁନକୁ ବର୍ଷା ଋତୁ, ଜୁଲାଇ ଓ ଅଗଷ୍ଟକୁ ଶରତଋତୁ, ସେପ୍ଟେମ୍ବର ଓ ଅକ୍ଟୋବରକୁ ହେମନ୍ତ ଋତୁ, ନଭେମ୍ବର ଓ ଡିସେମ୍ବରକୁ ଶୀତ ଋତୁ କହନ୍ତି। ଯଦିଓ ଛଅଟି ଋତୁ ରହିଛି ତଥାପି ସାଧାରଣ ଭାବରେ ଆମେ ତିନୋଟି ଋତୁକୁ ଅନୁଭବ କରୁ। ଗ୍ରୀଷ୍ମ, ବର୍ଷା ଓ ଶୀତ। ଅର୍ଥାତ ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ। ଏହି ଚାରି ମାସ ଶୀତ ଋତୁ ଭାବରେ ପରିଚିତ। ଶୀତର ଶେଷ ଭାଗ ଅର୍ଥାତ୍ ଜାନୁଆରୀ ଓ ଫେବୃଆରୀ ମାସରେ ଶୀତର ପ୍ରକୋପ ବଢ଼ିଥାଏ ଏବଂ ଶେଷ ଭାଗରେ ବସନ୍ତ ପବନ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଆଣିଦିଏ। ବର୍ତ୍ତମାନ ବସନ୍ତ ଋତୁ ଚାଲିଛି। ଏହା ଋତ ମଧରେ ଶ୍ରେଷ୍ଠ ଋତୁ, ଏହାକୁ ଋତୁରାଜ ବସନ୍ତ ବୋଲି କହନ୍ତି। ଶରୀରରେ ଥିବା ପଞ୍ଚମହାଭୂତ ତତ୍ତ୍ୱ ଅନୁସାରେ ଏବଂ ଜଳବାୟୁର ପରିବର୍ତ୍ତନ ହେତୁ ଆମ ଶରୀର ପ୍ରଭାବିତ ହୁଏ। ଆମ ଶରୀରରେ ଥିବା ବାତ-ପିତ-କଫର ଅସମତା ହେତୁ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଅର୍ଥାତ୍ ପ୍ରତ୍ୟେକ ଋତୁରେ ସ୍ୱାସ୍ଥ୍ୟର ସମସ୍ୟା ଦେଖାଦିଏ। ଯେମିତି ଗ୍ରୀଷ୍ମ ଋତୁରେ ରୁଦ୍ରତାର ଆଧିକ୍ୟ ହେତୁ ରୁଦ୍ରାଘାତ ହୋଇଥାଏ ଏବଂ ବର୍ଷା ଋତୁରେ ଜଳର ସଂକ୍ରମଣ ହେତୁ ହଇଜା ରୋଗ ଦେଖାଦିଏ। ଆସନ୍ତୁ ଦେଖିବା ବସନ୍ତ ଋତୁରେ ଆମର ସ୍ୱାସ୍ଥ୍ୟର ସମସ୍ୟା କ'ଣ ଏବଂ ଏହାର ଯତ୍ନ କିପରି ନେବା।

ଆୟୁର୍ବେଦ ଶାସ୍ତ୍ର କହେ ଏ ଋତୁରେ ଥଣ୍ଡା ବୃଦ୍ଧି ଫଳରେ ଜଳପାନ କମିଯିବାରୁ ଜଳତତ୍ତ୍ୱର ଅସମତା ହେତୁ କଫରୋଗ, ଶରୀରରେ ବାୟୁତତ୍ତ୍ୱ ବୃଦ୍ଧି ହେତୁ ବାତରୋଗ ପରିଲକ୍ଷିତ ହୁଏ।


**ବିଜୟ କୁମାର ପୃଷ୍ଟି**
ସମ୍ପାଦକ, ନିରାମୟ, କଟକ,
ଦୂରଭାଷ : ୯୮୬୧୪୬୪୯୩୨

ଏଭଳି ରୋଗକୁ ପ୍ରକୃତର ନିୟମ ଅନୁସାରେ ପାଳନ କଲେ ରୋଗ ଆପେ ଆପେ ଚାଲିଯାଏ। ଆଗରେ ଅଛି ମାଘ ସପ୍ତମୀବୁଡ଼, ଅଗ୍ନିଉତ୍ସବ, ମାଘ ମାସର ବାଘ ଭଳିଆ ଶୀତ। ଏହାର ଶେଷ ଭାଗ ଅର୍ଥାତ୍ ଏହି ଫେବୃଆରୀ ମାସରେ ରାତିରେ ପ୍ରବଳ ଥଣ୍ଡା ଏବଂ ଦିନରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ହେତୁ ପ୍ରବଳ ଗରମ ଅନୁଭୂତ ହେବ। ଅତ୍ୟଧିକ ଥଣ୍ଡା ହେତୁ କଶ, ସର୍ଦ୍ଦି, ଇସନଫୁଲିଆ, ଆଜ୍‌ମା ରୋଗୀ ମାନଙ୍କ ପାଇଁ ବିପଦ ମାଡ଼ି ଆସେ। ଥଣ୍ଡା ହେତୁ ଜଳପାନ କମିଯିବାରୁ ହୃତପିଣ୍ଡର ସମସ୍ୟା, କୋଷ୍ଠ ବଦ୍ଧତା, ଚର୍ମରୋଗ ଇତ୍ୟାଦି ଦେଖାଦିଏ। ଅଗ୍ନିମାଲ୍ୟ ହେତୁ ଖାଦ୍ୟ ହଜମ ହୋଇ ନପାରି ପେଟର ସମସ୍ୟା ଉପୁଜେ। କଫ ଏବଂ ପିତ୍ତର ସମତା ରକ୍ଷା କରିବା ପାଇଁ ଏହି ଋତୁର ଦିନଚର୍ଯ୍ୟା ଏବଂ ରାତ୍ରିଚର୍ଯ୍ୟା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଆମର ଆହାର, ବିହାର ଏବଂ ରସାୟନର ସଂଯମତା ଆଚରଣ କଲେ ଆମ ସ୍ୱାସ୍ଥ୍ୟ ଅତୁଟ ରହିବ।

ମହର୍ଷି ଚରକଙ୍କ ଭାଷାରେ 'ସର୍ବୋଷାପେବ ରୋଗାଣାଂ ନିଦାନଂ କ୍ୱପିତା ମଳାଃ, ତତ ପ୍ରକୋପସ୍ୟ କାରଣଂ ବିବିଧାରିତ ସେ ବନମ୍।' ଅର୍ଥାତ୍ ଏ ସମସ୍ତ ରୋଗର ମୂଳ କାରଣ ହେଲା ଶରୀର ମଧରେ ସଞ୍ଚିତ କ୍ୱପିତ ମଳ ଏବଂ ସେ ଗୁଡ଼ିକର ପ୍ରକୋପର କାରଣ ବିବିଧ ତ୍ରୁଟିପୂର୍ଣ୍ଣ ଆହାର ବିହାର। ପ୍ରଥମେ ଏ ଋତୁର ସବୁଜ ପନିପରିବା, ସାଲାଡ଼୍, ସେଓ, କମଳା, ପିଜୁଳି, ଅମୃତଭଣ୍ଡା ଇତ୍ୟାଦି ଫଳ ଖାଇଲେ ଝାଡ଼ା ସଫା ହୁଏ। ଖାଦ୍ୟ ସହଜରେ ଜୀର୍ଣ୍ଣ ହୁଏ। ନିୟମାନୁଯାୟୀ ଖାଦ୍ୟ ଗ୍ରହଣ କଲେ ମଳ ସହଜରେ ନିଷ୍କାସିତ ହୁଏ ଫଳରେ ଶରୀର ନୀରୋଗ ରହେ। ପ୍ରତ୍ୟହ ଅନ୍ତତଃ ୧୦ରୁ ୧୫ ଗ୍ଲାସ ଜଳ ପାନ କରିବା ବିଧେୟ। ଥଣ୍ଡା ବା କଫ ହେତୁ ସକାଳେ ଉଷୁମ ପାଣିରେ ଲେମ୍ବୁରସ ଓ ମହୁପାନ କଲେ କୋଷ୍ଠ ଦୂର ହେବା ସଙ୍ଗେ ସଙ୍ଗେ ମେଦ ମଧ କମିଯାଏ। ଅଦାରସ ଉଷୁମ କରି ମହୁ ପକାଇ ପିଇଲେ କାଶ ବା କଫ ଭଲ ହୁଏ। ରାତିରେ ଉଷୁମ କ୍ଷୀରରେ ମିଠା ଖଜୁର କିମ୍ବା ମହୁ କିମ୍ବା ବଟା ହଳଦୀ ମିଶାଇ ପିଇଲେ ଥଣ୍ଡାରୁ ମୁକ୍ତି ମିଳେ। ଚା ପିଇବା ପରିବର୍ତ୍ତେ ହର୍ବାଲ ବା ଲେମ୍ବୁ ଚା କିମ୍ବା ପନିପରିବାର ସୁପ ପିଇବା ଭଲ। ଦହି, ପାଚିଲା କଦଳୀ, କାକୁଡ଼ି, ଥଣ୍ଡା ପାନୀୟ, ଆଇସକ୍ରିମ, ଫ୍ରିଜ ପାଣି ବ୍ୟବହାର କରିବା ବିପଦ ହୋଇପାରେ। ଏ ଋତୁରେ ଶରୀରକୁ କର୍ମଠ କରିବା ପାଇଁ ପ୍ରାତଃ ଭ୍ରମଣ ସବୁଠୁ ସହଜ, ସରଳ ଓ ଲାଭ ଦାୟକ ବ୍ୟାୟାମ। ବିଭିନ୍ନ ଆସନ, ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ସବୁଠୁ ଶ୍ରେଷ୍ଠ ବ୍ୟାୟାମ, ଶରୀରର ଠିକ ରକ୍ତ ସଂଚାଳନ ପାଇଁ ସଂପୂର୍ଣ୍ଣ ଶରୀରର ତୈଳ ମର୍ଦ୍ଦନ ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଚର୍ମ ରୋଗ ମଧ ଦୂର ହୋଇଥାଏ। ଶରୀରରୁ ଝାଳ ନିର୍ଗତ ପାଇଁ ବାଷ୍ପସ୍ନାନ ଏବଂ ଉଷ୍ମ ହସ୍ତପାଦ ସ୍ନାନ ବହୁ ଜରୁରୀ। ଏଭଳି ଜୀବନ ଚର୍ଯ୍ୟା ଦ୍ୱାରା ଶରୀର ତ୍ରିଦୋଷର ସମତା ରକ୍ଷା ହୁଏ ଫଳରେ ସ୍ୱାସ୍ଥ୍ୟ ସୁନ୍ଦର ହୁଏ। ଏହି ଋତୁର ବ୍ରାହ୍ମିଶାଗ ଖାଇଲେ ସ୍ମରଣ ଶକ୍ତି ବୃଦ୍ଧି ହୁଏ। ଶ୍ରୋତାବନ୍ଧୁ ଗଣ! ମୋଟା ମୋଟି କହିବାକୁ ଗଲେ ଉପଯୁକ୍ତ ଭାବରେ ଜୀବନଚର୍ଯ୍ୟା କରିପାରିଲେ ଏହି ଋତୁରାଜ ବସନ୍ତ ଋତୁରେ ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ମନ ମଧ ପ୍ରଫୁଲ୍ଲ ରହେ ଏବଂ ପରମଶାନ୍ତି ମିଳିଥାଏ।

# ରକ୍ତଦାନ : ଜୀବନ ଦାନ

ପ୍ରତି ବର୍ଷ ମେ ୮ ତାରିଖ ବିଶ୍ୱ ରେଡ଼କ୍ରସ ଦିବସ ଭାବରେ ପାଳନ କରାଯାଏ। ବିଶ୍ୱ ପ୍ରସିଦ୍ଧ ହ୍ୟାନରି ଡୁନାଣ୍ଟଙ୍କର ଜନ୍ମ ଦିବସ ହେଉଛି ୮.୫.୧୮୨୮ ଓ ଏହି ମହାନ ବ୍ୟକ୍ତି ହେଉଛନ୍ତି, ବିଶ୍ୱ ରେଡ଼କ୍ରସ କମିଟିର ପ୍ରତିଷ୍ଠାତା ଓ ପ୍ରଥମ ନୋବେଲ ପୁରସ୍କାର ବିଜେତା। ୧୮୬୩ ମସିହାରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ଏହି ରେଡ଼କ୍ରସ ସଂସ୍ଥା ପ୍ରତିଷ୍ଠା ହୋଇଥିଲା। ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧର ଅଙ୍ଗୀକାରକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି। ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମିତ୍ତ ରେଡ଼କ୍ରସ ସଂସ୍ଥା ବହୁ ପ୍ରଚେଷ୍ଟା କରିଛି। ଜନସାଧାରଣଙ୍କ ଦୁଃଖକଷ୍ଟ ହ୍ରାସ କରିବା, ମାନବ ଜାତିର ସମ୍ମାନକୁ ରକ୍ଷା କରିବା, ପ୍ରାକୃତିକ ବିପର୍ଯ୍ୟୟ ଯଥା ଭୂମିକମ୍ପ, ମରୁଡ଼ି, ଦୁର୍ଭିକ୍ଷ, ସୁନାମୀ, ବନ୍ୟା ଓ ମହାମାରୀରୁ ଲୋକଙ୍କୁ ରକ୍ଷା କରିବା, ଯୁଦ୍ଧ ବିଧ୍ୱଂସ ରାଷ୍ଟ୍ରରେ ଲୋକଙ୍କୁ ସେବା, ଚିକିତ୍ସା, ଖାଦ୍ୟ ଓ ପାନୀୟ ଇତ୍ୟାଦି ଯୋଗାଇବା ନିମିତ୍ତ ଏହି ରେଡ଼କ୍ରସ ସଂସ୍ଥାର ଅତୁଳନୀୟ ଅବଦାନ ରହିଛି। ମନୁଷ୍ୟର ମନୁଷ୍ୟତ୍ୱ ସାଧୀନତା, ନିରପେକ୍ଷତା, ବିଶ୍ୱଭ୍ରାତୃତ୍ୱ ଭାବ ଓ ସ୍ୱେଚ୍ଛାସେବକ ମାନଙ୍କ ଭିତରେ ବସୁଧୈବ କୁଟୁମ୍ବକମ୍ ଭାବର ରକ୍ଷା ନିମିତ୍ତ ରେଡ଼କ୍ରସ ସଂସ୍ଥା ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ୧୭୦ଟି ଦେଶର ୯୭ ମିଲିୟନ ସଭ୍ୟ ଓ ସ୍ୱେଚ୍ଛାସେବକ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥାନ୍ତି। ଆର୍ଯ୍ୟଋଷି ଭାରତ ବର୍ଷର ମହାନ ପରମ୍ପରା 'ଅମର ରହୁ ଆର୍ଯ୍ୟବାଦ୍ ଓ ଜାଗି ଉଠୁ ଆର୍ଯ୍ୟଜାତ'ର ଆହ୍ୱାନକୁ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଏହି ରେଡ଼କ୍ରସ ସଂସ୍ଥା ଅକ୍ଷରେ ଅକ୍ଷରେ ପାଳନ କରୁଛି।

ରକ୍ତ ସଂଗ୍ରହ ଓ ରକ୍ତଦାନ ରେଡ଼କ୍ରସ ସଂସ୍ଥାର ଆଉ ଏକ ବିଶେଷ କାର୍ଯ୍ୟକ୍ରମ। ରକ୍ତଦାନ ସହିତ ଏହି ସଂସ୍ଥା ଅଙ୍ଗାଙ୍ଗୀଭାବେ ଜଡ଼ିତ। ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ। ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ-, ବି+, ବି-, ଏବି+ ଓ ଏବି-। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ରହିଛନ୍ତି। ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ


**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ଦୂରଭାଷ : ୯୪୩୭୦୫୧୯୫୭

ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୫ ୟୁନିଟ୍ ବା ୧୫ ପିଣ୍ଡ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୯୦ ଦିନରେ ଥରେ ମାତ୍ର ୧ ପିଣ୍ଡ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ୟୁନିଟ୍ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୨ ୟୁନିଟ ରକ୍ତ ଏବଂ ଯକୃତ ପ୍ରତିରୋପଣ ବେଳେ ୧୦ ପିଣ୍ଡ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫-୧୦ ପିଣ୍ଡ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲାଟିଲେଟ୍ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ। ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍ ବି ଓ ସି, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ସୂଚନା ମିଳିଥାଏ। ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷେ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଡ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଡ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ। ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ। ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଜୀବନବିନ୍ଦୁ କାର୍ଯ୍ୟକ୍ରମ ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ଓ ଯୁଗାନ୍ତକାରୀ ପଦକ୍ଷେପ। ଆଜି ବିଶ୍ୱ ରେଡ଼୍‌କ୍ରସ ଦିବସ ଅବସରରେ ଆସନ୍ତୁ ସମସ୍ତେ ଜଣେ ଯଥାର୍ଥ ମାନବୀୟତାର ପ୍ରମାଣ ଦେଇ ଜୀବନର ଶ୍ରେଷ୍ଠ କର୍ମ ଓ ଧର୍ମ ଭାବରେ ରକ୍ତଦାନ ଆନ୍ଦୋଳନରେ ସାମିଲ ହୋଇ ଜଣଙ୍କ ଜୀବନ ବଞ୍ଚାଇବାର ସେବା ସୁଯୋଗ ପ୍ରାପ୍ତ କରି ପାରିବା। ଯଥାର୍ଥରେ କୁହାଯାଇଛି ରକ୍ତଦାନ ଜୀବନଦାନ।

# ବେଡ୍‌ରେ ରୋଗୀ, ତଳେ ମୃତ ଦେହ

**କଟକ(ସଂପର୍କବାର୍ତ୍ତା):-** ବେଡ୍ ଉପରେ ଚାଲିଛି ରୋଗୀ ଚିକିତ୍ସା, ତଳେ ପଡିଛି ମୃତଦେହ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲ୍ କାଜୁଆଲ୍‌ଟିରେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମେଡିକାଲ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୪ ଘଣ୍ଟା ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଛି। ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳର ବିଦ୍ୟାଧର ଜେନା(୬୬) କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସମ୍ପର୍କୀୟମାନେ ଗତ ଶୁକ୍ରବାର ସକାଳ ୭ଟା ୫୦ରେ ଏସ୍‌ସିବି ମେଡିକାଲ୍ ଆଣିଥିଲେ। ତାଙ୍କୁ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିବା ବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ମୃତଦେହ ଛାଡି ଚାଲିଯାଇଥିଲେ। ଏହି ସମୟରେ ଆଉ ଜଣେ ରୋଗୀ ଆସିବାରୁ ବିଦ୍ୟାଧରଙ୍କ ମୃତଦେହ ବେଡ୍ ତଳକୁ ଓହ୍ଲାଇ ଦିଆଯାଇଥିଲା।

ଉକ୍ତ ବେଡ୍‌ରେ ଅନ୍ୟ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଦୁଃଖର ବିଷୟ ୨୪ ଘଣ୍ଟା ଧରି ମୃତଦେହ ପଡିରହିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନଥିଲା। ଡାକ୍ତର ଓ ନର୍ସ ଆସି ରୋଗୀଙ୍କ ଚିକିତ୍ସା କରୁଥିଲେ ମଧ୍ୟ ତଳେ ପଡିଥିବା ମୃତଦେହକୁ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ମେଡିକାଲ୍‌ରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା।

ମେଡିକାଲ୍ ଫାଣ୍ଡି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଡାକ୍ତର, ମେଡିକାଲ୍ କର୍ମଚାରୀ ଓ ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଲୁସି ଦାସ କହିଛନ୍ତି, ଘଟଣା ଜାଣିବା ପରେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସେମାନଙ୍କୁ କହିଛି। ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ସେମାନଙ୍କୁ କହିଛି।

# ସଚିବାଳୟକୁ ବିଳମ୍ବରେ ଆସିଲେ ଦରମା ବନ୍ଦ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ଅଫିସକୁ ବିଳମ୍ବରେ ଆସି ହଟହଟା ହୋଇଛନ୍ତି ସରକାରୀ କର୍ମଚାରୀ ଅଫିସକୁ ବିଳମ୍ବରେ ଆସିବା କାରଣ ପାଇଁ ଅନେକ କର୍ମଚାରୀଙ୍କର ଦରମା ମଧ୍ୟ

**ଆଜି ପର୍ଯ୍ୟନ୍ତ କରୁନଥିଲେ କାହିଁକି ?**

ବନ୍ଦ କରାଯାଇଛି ଏହି ଘଟଣା ଦେଖିବାକୁ ମିଳିଛି ରାଜ୍ୟ ସଚିବାଳୟରେ ଅଫିସ୍ ଆସିବାରେ ବିଳମ୍ବରେ ହେବା କାରଣରୁ ୨୫ଜଣ ସରକାରୀ କର୍ମଚାରୀଙ୍କର ଦରମା ବନ୍ଦ କରି ଦିଆଯାଇଛି। ଏହି ଘଟଣା ପରେ ଅନ୍ୟ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଯାଇଛି। ଜଣାପଡିଛି ଯେ , ରାଜ୍ୟ




ସଚିବାଳୟରେ ବାଣିଜ୍ୟ ଓ ପରିବହନ ବିଭାଗର ୨୫ଜଣ କର୍ମଚାରୀ ବିଳମ୍ବରେ ସରକାରୀ ଦପ୍ତରକୁ ଆସିଥିଲେ ବିଳମ୍ବ କାରଣରୁ କାରଣ ରୁ ସମସ୍ତ କର୍ମଚାରୀଙ୍କୁ କାରଣ ଦର୍ଶାଆ ନୋଟିସ୍ ଦିଆପଡିଛି ଯେ, ରାଜ୍ୟ ସଚିବଳୟର ବାଣିଜ୍ୟ ଓ ପରିବହନ ବିଭାଗର ୨୫ଜଣ କର୍ମଚାରୀ ବିଳମ୍ବରେ ସରକାରୀ ଦପ୍ତରକୁ ଆସିଥିଲେ। ବିଳମ୍ବ କାରଣରୁ ସମସ୍ତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆ ଯିବା ଉକ୍ତ ଦିନର ଦରମା ବନ୍ଦ କରି ଦିଆଯାଇଛି । ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଦୁଇଜଣ ଅନୁସଚିବ, ୨ଜଣ ଡେସ୍କ ଅଧିକାରୀ, ୮ବିଭ ଗୀୟ ରହିଥିଲେ। ଖାରବେଳ ଭବନରେ ଥିବା ବାଣିଜ୍ୟ ଓ ପରିବହନ ବିଭାଗର ବହୁ ଅଧିକାରୀ ଠିକ୍ ସମୟରେ ଅଫିସକୁ ଆସୁ ନଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା ତେଣୁ ସିନିୟର ଅଫିସର ହଠାତ୍ କାର୍ଯ୍ୟାଳୟକୁ ସକାଳ ୧୦.୩୦ରେ ପହଂଚିଯାଇ ଦେଖନ୍ତି ତ ୨୫ଜଣ କର୍ମଚାରୀ ଦପ୍ତରରେ ନାହାନ୍ତି ଏହା ପରେ ସେମାନଙ୍କ ବିରୋଧରେ ଆରମ୍ଭ ହୋଇଯାଇଥିଲା କାର୍ଯ୍ୟାନୁଷ୍ଠାନ। ସୂଚନା ଯୋଗ୍ୟ ଯେ, ଅପାରଗ ଓ ଦୁର୍ନୀତିରେ ଲିପ୍ତ ଥିବା କିଛି ଅଧିକାରୀଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇ ସାରିଛନ୍ତି ଏହି ପଦକ୍ଷେପ ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ।

# ପ୍ରେମ କରୁଥିଲେ ଜଙ୍ଗଲରେ, ବାଘ ଖାଇଗଲା

**ମୁମ୍ବାଇ(ସଂପର୍କବାର୍ତ୍ତା):-** ପ୍ରେମିକା ସହ ନିରୋଳା ସମୟ ବିତାଇବା ପାଇଁ ଇଚ୍ଛା ହେଲା ଜନବସତିଠୁ ଦୂରରେ ନିଜ ମନର ମଣିଷ ପ୍ରେମାଳାପ କରିବାକୁ

**ଆଉ କେଉଁଠି କ'ଣ ଜାଗା ମିଳିଲା ନାହିଁ ?**

ଜିଦ୍ କରିଲା ପ୍ରେମିକ ମନ ଶେଷରେ ନିରୋଳା ଜାଗା ଭାବେ ବାଛିଲା ଜଙ୍ଗଲ। ବାଇକରେ ପ୍ରେମିକାକୁ ବସାଇ ଜଙ୍ଗଲକୁ ନେଲା କିନ୍ତୁ ଜଙ୍ଗଲରେ ଛକିଥିଲା ମୃତ୍ୟୁ ପ୍ରେମାଳାପ ପୂର୍ବରୁ ବାଘର ଶିକାର ହେଲା ପ୍ରେମିକ। ଏପରି ଘଟଣା ସାମ୍ନାକୁ ଆସିଛି ମହାରଷ୍ଟ୍ରର ଗଡଚିରୋଲୀ ଜଙ୍ଗଲରେ। ସୂଚନାନୁସାରେ , ଗଡିଚିରୋଲୀ ନିକଟସ୍ଥ ଏକ ଗ୍ରାମରେ ରୁହନ୍ତି ଅଜିତ ସୋମେଶ୍ୱର ତାଙ୍କ ପ୍ରେମିକା ପାୟଲ ମଧ୍ୟ ସେହି ଗ୍ରାମରେ ରୁହନ୍ତ। ତେବେ ମଙ୍ଗଳବାର ଉଭୟ ନିରୋଳା ସ୍ଥାନରେ ପ୍ରେମାଳାପ କରିବାକୁ ଚିନ୍ତା କଲେ । ଶେଷରେ ପ୍ରେମିକାକୁ ବାଇଲେ ବସାଇ ଜଙ୍ଗଲକୁ ବୁଲାଇବାକୁ ନେଇଥାକୁ ପ୍ରେମିକ। କିନ୍ତୁ ପ୍ରେମିକ ଜାଣିନଥିଲା ସେ ଜଙ୍ଗଲରେ ମୃତ୍ୟୁ ଲୁଚି ରହିଛି। ଉଭୟ ପ୍ରେମିକ-ପ୍ରେମିକ । ଜଙ୍ଗଲରେ ବୁଲୁଥିବା ବେଳେ ଶିକାର ପାଇଁ ଛକି ରହିଥିବା ବାଘ ଅତର୍କିତ ଆକ୍ରମଣ କରିଥିଲା ବାଘ ସିଧା ଅଜିତକୁ ଧରି




ଲହୁଲୁହାଣ କରି ପକାଇଥିଲା ଜୀବନ ନଯିବା ଯାଏଁ ବାଘଟି ଅଜିତ ଉପରେ ଆକ୍ରମଣ କରିଥିଲା ଏହାପରେ ପାୟଲଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲା ମହାବଳ ଶେଷରେ ଅଜିବତ ମୃତଦେହକୁ ବାଘ ଟାଣି ନେଇଥିଲା ଗୁରୁତ୍ୱର ଅବସ୍ଥାରେ ପାୟଲ ନିକଟସ୍ଥ ଗ୍ରାମକୁ ଆସି ସବୁ ଘଟଣା ବାବଦରେ ସୂଚନା ଦେଇଥିଲେ ସେ ଖୁବ୍ ଜୋରରେ ମଧ୍ୟ କାନ୍ଦୁଥିଲେ। ଲୋକେ ତୁରନ୍ତ ପାୟଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଅଜିତଙ୍କୁ ଖୋଜିବାକୁ ବାହାରିଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ । ଶେଷରେ ଜଙ୍ଗଲ ମଝିରୁ ଅଜିତର ମୃତଦେହ ମିଳିଥିଲା ବେଳେ ବାଘଟି ଚାଲିଯାଇଥିଲା ଶେଷରେ ପୋଲିସ ଆସି ମୃତଦେହକୁ ପୋଷ୍ଟ ମର୍ଟମ ପଠାଇଥିଲା।

# ଭଦ୍ରକରେ ୫ ନକଲି ଶିକ୍ଷକ ବହିଷ୍କୃତ କାର୍ଯ୍ୟାନୁଷ୍ଠାନ ଭୟରେ ସ୍କୁଲ ହତା ମାଡୁନାହାଁନ୍ତି ୧୭ ଶିକ୍ଷକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜାଲ୍ ପ୍ରମାଣ ପତ୍ର ଦେଇ ଚାକିରୀ କରିଥିବା ଭଦ୍ରକ ଜିଲ୍ଲାରେ ୫ଜଣ ଶିକ୍ଷକ ଚାକିରୀରୁ ବହିଷ୍କୃତ ହୋଇଛନ୍ତି। ଅନ୍ୟପକ୍ଷରେ ଜାଲ୍ ପ୍ରମାଣ ପତ୍ର ଦେଇ ଚାକିରୀ କରିଥିବା ୧୭ ଜଣ ଶିକ୍ଷକ କାର୍ଯ୍ୟାନୁଷ୍ଠାନ ଭୟରେ ବିଦ୍ୟାଳୟ ସୀମା ମାଡୁନାହାଁନ୍ତି।



ଜିଲ୍ଲାରେ ନକଲି ଶିକ୍ଷକ ଚିହ୍ନଟ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବନ୍ତ ବ୍ଲକ୍ ଆପିତିରା ୟୁଜିଏମ୍ଇ ସ୍କୁଲ୍‌ର ବିଶ୍ୱନାଥ ସେଠୀ ସିଟି ପରୀକ୍ଷାରେ ଫେଲ୍ ହୋଇଥିଲା ବେଳେ ନିଯୁକ୍ତି ସମୟରେ ପାସ୍ ପ୍ରମାଣପତ୍ର ଦାଖଲ କରିଥିଲେ। ସେହି ବ୍ଲକ୍ ଅନ୍ତର୍ଗତ ରାଉତରାପୁର ପ୍ରାଥମିକ ସ୍କୁଲ୍‌ର ଶିକ୍ଷୟିତ୍ରୀ ଅନିତା ସେଠୀ ସାଧାରଣ ବର୍ଗର ହୋଇଥିବା ବେଳେ ନିଯୁକ୍ତି ସମୟରେ ଅନୁସୂଚିତ ଜାତି ପ୍ରମାଣପତ୍ର ଦେଇଥିଲେ। ସେହିପରି ଧାମନଗର ବ୍ଲକ୍ ବମକୋରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୃଥ୍ୱୀରାଜ ମଲ୍ଲିକ ନିଯୁକ୍ତି ସମୟରେ +୨ ପରୀକ୍ଷାର ଜାଲ୍ ମାର୍କସିଟ୍ ପ୍ରମାଣ ପତ୍ର ଦାଖଲ କରିଥିଲେ। ବାସୁଦେବପୁର ବ୍ଲକ୍ ଏବି ହାଇସ୍କୁଲର ଶିକ୍ଷୟିତ୍ରୀ ସୁଜାତାମଣୀ ପୁହାଣ ନିଯୁକ୍ତି ସମୟରେ ଏକାସାଙ୍ଗରେ +୨ ଓ ଧନ୍ଦାମୂଳକ ପ୍ରମାଣପତ୍ର ଦାଖଲ କରିଥିବା ଭଦ୍ରକ ସାବରଙ୍ଗ ଏନ୍‌ଡିଏମ୍ଇ ସ୍କୁଲ୍‌ର ଶିକ୍ଷୟିତ୍ରୀ ପ୍ରେମଶୀଳା ଭୂୟାଁ ନିଯୁକ୍ତି ସମୟରେ ସାଧାରଣ ବର୍ଗ ବଦଳରେ ଅନୁସୂଚିତ ଜାତି ପ୍ରମାଣ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାରୁ ନକଲି ଶିକ୍ଷକଙ୍କ ସଂଖ୍ୟା ଆହୁରି ବଢିବାର ସମ୍ଭାବନା ରହିଛି।

# ସାଂସଦ ବିଧାୟକ ରେଳମନ୍ତ୍ରୀଙ୍କୁ ଆହ୍ୱାନ ପାଦେ ବଢାଅ, ୧୦ ପାଦ ଆଗକୁ ବଢାଇବୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରେଳ ବିଭାଗକୁ ସାଂସଦ ଓ ବିଧାୟକ ସହାୟତା କରନ୍ତୁ। ନିଜ ବିଭାଗ ବୋଲି ଭାବି କାମ କରନ୍ତୁ। ସାଂସଦ ଓ ବିଧାୟକ ଗୋଟିଏ ପାଦ ବଢାଇଲେ ରେଳ ମନ୍ତ୍ରଣାଳୟ ଆଉ ୧୦ ପାଦ ଆଗକୁ ବଢାଇବ। ଏଭଳି ଭାବେ ଦେଶର ସାଂସଦ, ବିଧାୟକଙ୍କ ପାଇଁ ବାର୍ତ୍ତା ଦେଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ଗତକାଲି ବିହାର ଝାଞ୍ଜପୁରରେ କିଛି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ ରେଳ ମନ୍ତ୍ରୀ। ଏହି ଅବସରରେ ଦେଶରେ ବିଭିନ୍ନ ରେଳ ପ୍ରକଳ୍ପରେ ଦେଖାଯାଉଥିବା ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିବା ସହ ସାଂସଦ ଓ ବିଧାୟକଙ୍କୁ ଆହ୍ୱାନ କରିଥିଲେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ନିଜ ଅଞ୍ଚଳର ବିକାଶ ପାଇଁ ରେଳ ବିଭାଗ ସହ କାମ କରନ୍ତୁ। ଯେକୌଣସି ଦଳ କିମ୍ବା ଚିନ୍ତା ଧାରାର ହେଲେ ବି ରେଳ ବିଭାଗକୁ ନିଜର ବୋଲି ଭାବି କାମ କରନ୍ତୁ ବୋଲି ଅଶ୍ୱିନୀ ବୈଷ୍ଣବ ଦୋହରାଇଛନ୍ତୀ।



# ମାଟ୍ରିକ୍ ପରୀକ୍ଷାରେ ଉତ୍ତର ଲେଖି ଧରାପଡିଲେ ପ୍ରଧାନ ଶିକ୍ଷକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗତ ୫ ତାରିଖ ମାଟ୍ରିକ୍ ପରୀକ୍ଷା ଦିନ ବରଗଡ ଜିଲ୍ଲା ସୋହେଲା ବ୍ଲକ୍ ମଧୁପୁର ପରୀକ୍ଷା କେନ୍ଦ୍ରରେ ପିଲାଙ୍କ ପାଇଁ ଉତ୍ତର ପ୍ରସ୍ତୁତ କରୁଥିବା ସୀମାନ୍ତ ପଣ୍ଡକିପାଲି ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷମାନିଧି ବାରିକ ସ୍କ୍ୱାର୍ଡ ହାତରେ ଧରାପଡିଥିବା ଚର୍ଚ୍ଚା ହେଉଛି। କିନ୍ତୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଘଟଣାକୁ ଚପାଇ ଦେବାକୁ ବ୍ୟାପକ ଉଦ୍ୟମ ଚାଲିଥିବା ଅଭିଯୋଗ ହେଉଛି।



ମଧୁପୁର ଖ୍ରୀଷ୍ଟଜ୍ୟୋତି ଉଚ୍ଚ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ମଧୁପୁର ଓ ପଣ୍ଡକିପାଲି ଆଞ୍ଚଳିକ ହାଇସ୍କୁଲ୍ ପିଲା ପରୀକ୍ଷା ଦେଉଥିଲେ। ପ୍ରଧାନଶିକ୍ଷକ ଶ୍ରୀ ବାରିକ୍ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥାଇ ପିଲାଙ୍କ ପାଇଁ ପରୀକ୍ଷା ଚାଲିଥିବା କୋଠରୀ ଭିତରେ ଉତ୍ତର ପ୍ରସ୍ତୁତ କରୁଥିଲେ। ତେବେ ସ୍କ୍ୱାର୍ଡ ହାତରେ ଧରାପଡିଥିଲେ। ସ୍କ୍ୱାର୍ଡ ଅଧିକାରୀମାନେ ତାଙ୍କ ନିକଟରୁ ଉତ୍ତର ପୁସ୍ତିକା ଏକ ମୋବାଇଲ୍ ଓ କିଛି ଆପତ୍ତିଜନକ କାଗଜପତ୍ର ଜବତ କରିଥିଲେ। ତୁରନ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କେନ୍ଦ୍ର ଅଧିକ୍ଷକ ଅର୍ଚ୍ଚନା ପାତ୍ରଙ୍କୁ ତୁରନ୍ତ ସେଠାରୁ ଅପସାରଣ କରିଥିଲେ। ଘଟଣାକୁ ଦୁଇଦିନ ବିତିଛି ଏବଂ ଆଜି ପରୀକ୍ଷା ସରିଯାଇଥିବା ବେଳେ ଏହି ଘଟଣାକୁ ଶିକ୍ଷା ବିଭାଗ ଚପାଇ ଦେବାକୁ ଉଦ୍ୟମ କରୁଛି।

ଚଢଉରେ ସାମିଲ୍ ଥିବା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରାଯିବାରୁ ସେ ମାମଲା ସଂପର୍କରେ କହିପାରିବେ ନାହିଁ ବୋଲି ଫୋନ୍ କାଟିଦେଇଥିଲେ। ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଅତିସ ଭୋଇ ସୋହେଲା ବ୍ଲକ୍ ଶିକ୍ଷାଧିକାରୀ ଅମ୍ରିତା ସାହୁଙ୍କୁ ଯୋଗାଯୋଗ କରାଯାଇଥିବାରୁ ଫୋନ୍ ଉଠାଇନଥିଲେ। କିଛି ମାସ ଆଗରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସମୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କିଛି ପରିକ୍ଷାର୍ଥୀଙ୍କୁ ସଂପୃକ୍ତ ଶିକ୍ଷକ ଉତ୍ତର ଡାକି ଦେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଅଭିଯୋଗକୁ ଶିକ୍ଷା ବିଭାଗ ହାଲୁକା ଭାବେ ନେଇଥିଲା।

# କୃଷି ଉତ୍ପାଦନର ରାଜ୍ୟସ୍ତରୀୟ କର୍ମଶାଳା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ପ୍ରମୁଖ କାର୍ଯ୍ୟକ୍ରମ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ସଫଳ ରୂପାୟନ ପାଇଁ ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ସ୍ଥାନୀୟ ଶିରିପୁରସ୍ଥିତ ଇମେଜ ସମ୍ମିଳନୀ କକ୍ଷରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିଃ(ଆପିକଲ) ତରଫରୁ ଆୟୋଜନ କରାଯାଇଥିଲା। କର୍ମଶାଳାଟି କୃଷି ଉତ୍ପାଦନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ସଂଶ୍ଲିଷ୍ଟ କୃଷି ଓ ଖାଦ୍ୟ ଉତ୍ପାଦନ ଡ. ଏମ୍.




ମୁଥୁକୁମାର, ଉଦ୍ୟମ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଆଦି ନିର୍ଦ୍ଦେଶକମାନେ କର୍ମଶାଳା ସମ୍ବନ୍ଧରେ ନିଜ ନିଜର ଉଦ୍‌ବୋଧନୀ ଭାଷଣ ପ୍ରଦାନ କରିଥିଲେ। ପୁନଶ୍ଚ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ଶ୍ରୀ ଜେନା ଉପସ୍ଥିତ ରହି ବ୍ୟାଙ୍କମାନଙ୍କ ଭୂମିକା ଉପରେ ମନ୍ତବ୍ୟ ପ୍ରକାଶ କରିଥିଲେ। ଏଥି ସହ ଇମେଜର ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଏବଂ ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡା ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଏବଂ ଉଦ୍ୟୋଗୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି, ସଂପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ଗୋ-ସୁଗମ ପୋର୍ଟାଲ ହେଉଛି ଗୋଟିଏ ଏକକ ପ୍ଲାଟଫର୍ମ, ଯାହା ମାଧ୍ୟମରେ ଜଣେ କୃଷି ଉଦ୍ୟୋଗୀ ବିଭିନ୍ନ ସେବାର ସୁବିଧା ହାସଲ କରିପାରିବ। ପରିଶେଷରେ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀଙ୍କ ମତ ସଂଗ୍ରହ କରାଯାଇଥିଲା।

# ବାଲିପାଟଣା:ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା

**ବାଲିପାଟଣା(ସଂପର୍କବାର୍ତ୍ତା):-** ଶିକ୍ଷା ଅଧିକାରୀଙ୍କ ଉଦ୍ୟମ ପାଇଁ ସଠିକ ସମୟରେ ମିଳିଲା ଦରମା । ସେଥିପାଇଁ ମଣ୍ଡଳ ଶିକ୍ଷାଅଧିକାରୀଙ୍କୁ କୃତଜ୍ଞତା ଜଣାଇଲେ ପ୍ରାଥମିକ ଶିକ୍ଷକ ସଂଘ । ଏଠାରେ ଉଲ୍ଲେଖଯୋଗୀ ମାର୍ଚ୍ଚ ମାସର ଦରମା ଓ ବର୍ଦ୍ଧିତ ଏରିଆର ସଠିକ ସମୟରେ ନମିଳିବା ନେଇ ପ୍ରାଥମିକ ସଂଘ ପକ୍ଷରୁ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଗତ ମାସ ରେ ଏକ ଦାବିପତ୍ର ପ୍ରଦାନ କରାଯାଇ ଥିଲା ଯାହାର ଫଳ ସ୍ୱରୂପ ପୂର୍ବ ବେତନ ସହିତ ଚଳିତ ମାସ ରେ ବେତନ ମଧ୍ୟ ଶିକ୍ଷକ ମାନଙ୍କୁ ସଠିକ ସମୟରେ ମିଳିପାରିଛି ସେଥିପାଇଁ ସେମାନେ ବ୍ଲକ୍ ଶିକ୍ଷାଅଧିକାରୀଙ୍କୁ ସାଧୁବାଦ ଦେବା ସହିତ ଶିକ୍ଷାର ବିକାଶ ଦିଗରେ ଦିଗରେ ସଂଘ ସର୍ବଦା ତାଙ୍କ ସହିତ ରହିଛି ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆଲୋକ ରଞ୍ଜନ ସାହୁ ସମ୍ପାଦକ ରଶ୍ମି ରଞ୍ଜନ ପଣ୍ଡା ଉପ ସଭାପତି ଜମ୍ମେଶର ମଲ୍ଲିକ , ଝୁନିଲତା ସାହୁ ପ୍ରଫୁଲ୍ଲ କୁମାର ମହାନ୍ତି, ଛବିନାଥ ସାଥୁଆ ରମାରଞ୍ଜନ ଦାସ , ଦୀନବନ୍ଧୁ ମହାନ୍ତି , ମରି ଆରିଫ ଅଲ୍ଲୀ ଅରୁଣ କୁମାର ପାତ୍ର ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଧୁ ରାଜ ତନୟା ଶତପଥୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଉତ୍କର୍ଷ କଳାର ଦେଶ, ଉତ୍କଳ, ଯାହା ଆଜି ଓଡ଼ିଶା ରାଜ୍ୟ ଭାବେ ବିଶ୍ୱବିଦିତ, ନିଜର କଳା, ସଂସ୍କୃତି ଓ ସ୍ଥାପତ୍ୟ ପାଇଁ। ଉତ୍କଳୀୟ କଳା ସଂସ୍କୃତି ପାଇଁ 'ହସ୍ତତନ୍ତ ବସ୍ତ୍ର'ର ଭୂମିକା ସ୍ୱତନ୍ତ୍ର। ଭାରତର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ କ୍ଷେତ୍ରରେ ଯୁଗଯୁଗରୁ ଓଡ଼ିଶା ହସ୍ତତନ୍ତ ବସ୍ତ୍ର, ବିଶେଷ ଭାବେ 'ବାନ୍ଧବସ୍ତ୍ର'ର ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଏହି ପ୍ରାଚୀନ କଳାକୁ ଉଜ୍ଜୀବିତ ରଖିଛନ୍ତି, ଏହାକୁ ବଂଶାନୁକ୍ରମରେ ବୃତ୍ତି ଭାବେ ଆଦରି ନେଇଥିବା ଓଡ଼ିଶାର ଅଗଣିତ ବୁଣାକାର। ରାଜ୍ୟର କୋଣ ଅନୁକୋଣରେ ଏହି ହସ୍ତତନ୍ତ ବସ୍ତ୍ର ପ୍ରସ୍ତୁତ କରିଥିବା ଗ୍ରାମୀଣ କାରିଗର ଓ ସେମାନଙ୍କ ଦ୍ୱାରା ପଂଜୀକୃତ ହୋଇ ଧାର୍ଯ୍ୟ କରୁଥିବା ପ୍ରାଥମିକ ବୁଣାକାର ସମିତିମାନଙ୍କ ପାଇଁ ବୟନିକା ବଜାର ସୃଷ୍ଟି କରିବାରେ ଦୀର୍ଘ ୬୬ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି।



୧୯୫୬ ମସିହାରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ, ଯାହାକୁ ଆଜି 'ବୟନିକା' ନାମରେ ସୁଖ୍ୟାତି ଅର୍ଜନ କରିଛି। ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ 'ବୟନିକା ଭବନ' ପ୍ରାଙ୍ଗଣରେ ସନ୍ଧ୍ୟା ୬ ଘଟିକା ସମୟରେ ପାଳିତ ହୋଇଯାଇଛି। ଏହି ସମାରୋହକୁ ବୟନିକାର ପରିଚାଳନା ନିର୍ଦ୍ଦେଶକ, ଶ୍ୟାମଭକ୍ତ ମିଶ୍ର ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସମେତ ନିର୍ଦ୍ଦେଶାଳୟର ପଦାଧିକାରୀମାନେ ଉଦ୍‌ଘାଟନ କରିଛନ୍ତି। ଉପରୋକ୍ତ ସମାରୋହ ବ୍ୟତୀତ ବୟନିକାର ସମସ୍ତ ବିକ୍ରୟ ଶାଖାରେ ଏହି ସମାରୋହକୁ ପାଳନ କରାଯାଇଛି । ଯାହାକୁ କି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ / ଅତିରିକ୍ତ ଜିଲ୍ଲାପାଳ / ଉପଜିଲ୍ଲାପାଳ / ତହସିଲଦାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ।

# ସମସ୍ୟାରୁ ମୁକ୍ତି ଦେଇଥାଏ ଗଙ୍ଗ ଶିଉଳି ପତ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**ବହୁ ଆର୍ୟୁବେଦ କାଳରୁ ଗଙ୍ଗଶିଉଳି ପତ୍ର ଏବଂ ଫୁଲକୁ ରୂପେ ବ୍ୟବହାର କରାଯାଉଥିଲା ଏହା ବୃକ୍ଷେ ରୂପେ ପରିଚିତ। ଏହି ବୃକ୍ଷର ଉଭୟ ପତ୍ର ଏବଂ ଫୁଲକୁ ବ୍ୟବହାର କରି ବିଭିନ୍ନ ରୋଗରୁ ମୁକ୍ତି ପାଇପାରିବେ।



୧. ଆଥରାଇଟିସ ପାଇଁ –ଏହି ଆଥରାଇଟିସରୁ ମକ୍ତି ପାଇଁ ସପ୍ତାହକୁ ଥରେ କିମ୍ୱା ଦୁଇଥର୧୦ରି ୨୦ଟି ପତ୍ରକୁ ବାଟି ଖାଲି ପେଟରେ ସେବନ କରନ୍ତୁ ଏହା ଦ୍ୱାରା ଆପଣ ୨ରୁ୪ ମାସ ମଧ୍ୟରେ ସୁଫଳ ପାଇବେ।

୨. ଜ୍ୱର ପାଇଁ –ଏହି ପାରିଜାତ ପତ୍ର ଏକ ଆଣ୍ଟି –ବାୟୋଟିଭାବେ କାର୍ଯ୍ୟ କରିଥାଏ । ସାଧାରଣ ଜ୍ୱର ଏବଂ ଥଣ୍ଡା ପାଇଁ ଏହା ଏକ ଉତ୍ତମ ଅଟେ । ଛୋଟ ପିଲା ଏହାର ପତ୍ରକୁ ଗୁଣ୍ଡକରି ଦିନକୁ ଦୁଇଥର ହାଲକା ଉଷୁମ ଜଳ ସହିତ ଖାଇପାରିବେ।

୩. ଡାଇବେଟିସ୍- ଡାଇବେଟିସ ପାଇଁ ମ୍ଧ ଆପଣ ଖାଲିପେଟରେ ୧୦ରୁ୨୦ଟି ପତ୍ର ନେଇ ଖାଇପାରିବେ। ଏହା ଦ୍ୱାରା ଶରୀରରେ ରକ୍ତ ଶର୍କରାର ମାତ୍ରା ନିୟନ୍ତ୍ରଣ ହୋଇଥାଏ। ଏହାର ପତ୍ରକୁ ଗୁଣ୍ଡକରି ଦିନକୁ ଦୁଇଥର ହାଲକା ଉଷୁମ ଜଳ ସହିତ ଖାଇପାରିବେ।

୪. ହଜମ କ୍ରିୟାକୁ ସକ୍ରିୟ କରିବା ପାଇଁ -ପାରିଜତା ପତ୍ର ଶରୀରରେ ଉଷ୍ଣତା ସୃଷ୍ଟି କରିଥାଏ। ଆର୍ୟୁବେଦ ଅନୁଯାୟ୍ୟ ଶରୀରରେ ଉଷ୍ଣତା ହଜମ କ୍ରିୟାକୁ ସଠିକ କରିଥାଏ। ଏହା ପାଚନ କ୍ରିୟାକୁ ସକ୍ରିୟ କରିଥାଏ। ତେଣୁ ସପ୍ତାହକୁ ଦୁଇରୁ ତିନି ଥର ଏହି ପତ୍ରକୁ ଖାଲିପେଟରେ ଖାଆନ୍ତୁ।

# ବାଇଗଣ ଖାଆନ୍ତୁ ଏହି ରୋଗରୁ ମୁକ୍ତି ପାଆନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମ ଭାରତୀୟ ଜଳବାୟୁରେ ବାଇଗଣ ପରିବା ଭଲଭାବେ ଫଳିଥାଏ। ଏହି ପରିବାଟି ସ୍ୱାସ୍ଥ୍ୟ ପାଇଁ ବେସ୍ ଉପକାରୀ ହୋଇଥିବା ବେଳେ ବିଭିନ୍ନ ରୋଗରୁ ମଧ ରକ୍ଷା କରିଥାଏ। ବାଇଗଣରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବା ବେଳେ ଅନ୍ୟାନ୍ୟ ଫାଇବର ଓ ପୋଷକତତ୍ତ୍ୱ ମଧ ରହିଛି।



ବାଇଗଣ ନିୟମିତ ଭାବେ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢିବା ସହ ଏହା ସହଜରେ ହଜମ ହୋଇଥାଏ। ବାଇଗଣରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ବାରମ୍ବାର ଗରମ କରି ଖାଇଲେ ମଧ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉନଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ। ଏହି ପରିବାରେ ମହଜୁତ୍ ଥିବା ପୋଷକତତ୍ତ୍ୱ କର୍କଟ ହେବାର ଆଶଙ୍କା କମ୍ କରେ। ଏକ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଭାବେ ବାଇଗଣ ବ୍ୟଞ୍ଜନ ଖାଉଥିବା ଲୋକଙ୍କଠାରେ କର୍କଟ ହେବାର ଆଶଙ୍କା ୫୦% ରୁ କମ୍ ଥାଏ।

# କାକୁଡିର ଆଗ ପଛ ମୁଣ୍ଡି କାହିଁକି କାଟନ୍ତି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯେବେ ବି କାକୁଡି କଟାଯାଏ ଦେଖିଥିବେ ତାର ପ୍ରଥମ ଓ ଶେଷ ଭାଗ କାଟିଦିଆଯାଏ। ଏହାପଟେ କଟା ଭାଗ ଓ କାକୁଡିକୁ ରଗଡା ଯାଇଥାଏ। ହୁଏତ ଆପଣ ବି ଏହା କରୁଥିବା ଏମିତି କାହିଁକି କରାଯାଏ ପଚାରିଲେ କୁହାଯାଏ ଯେ ଏହା ଦ୍ୱାରା କାକୁଡିର କଡାପଣ ଦୂର ହେଇଯାଏ ମାନେ ପିତା ଲାଗିବନି କିନ୍ତୁ ସେଇଟି କିଛି ଲୋକେ କହନ୍ତି ଏହା କରିବା ଦ୍ୱାରା ସେମିତି କିଛି ହୁଏନି ତେବେ ଯେମିତି କୁହାଯାତାଏ କି ରଗଡିବା ଦ୍ୱାରା କାକୁଡିରୁ ବାହାରୁ ଥିବା ଫେଣ ଭଳି ପଦାର୍ଥ ବାହାରିଗଲେ କାକୁଡି ପିତା ଲାଗେନି ତେବେ ଏହାକୁ ନେଇ ଏକ ପରୀକ୍ଷ ହୋଇଥିଲା



କୁହାଯାଏ ଯେମିତି ଫଳ ବଢେ ଓ ପାଚିଥାଏ । ତେବେ ସେହି ପଦାର୍ଥର ମାତ୍ରା କମିକମି ଯାଏ ଏହା ଫଳରେ ପାଚିଥିବା ଫଳରେ ପିତା ହେବାର ମାତ୍ରା କମ୍ ହୋଇଥାଏ ତେଣୁ କାକୁଡିକୁ ରଗଡିବା ଦ୍ୱାରା ସେମିତି କିଛି ପ୍ରଭେଦ ହୋଇନଥାଏ।

# ସମାନ ଗୋତ୍ରରେ ବିବାହ କରାଯାଏନାହିଁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ହିନ୍ଦୁ ଧର୍ମ ଶାସ୍ତ୍ରରେ ଗୋତ୍ରରେ ବହୁତ ବଡ ମହତ୍ୱ ରହିଛି। ସେଭଳି ପୂଜାପାଠ ଓ ବିବାହ ସମୟରେ ଗୋତ୍ରର ସୂଚନା ହେବା ଜରୁରୀ ବୋଲି ମନେକରାଯାଏ । ହିନ୍ଦୁ ଧର୍ମ ଅନୁସାରେ ଯାଦି କେହି ବିବାହ କରୁଛନ୍ତି, ତେବେ ଗୋତ୍ର ନଜାଣି ବିବାହ କରିବା ଠିକ୍ ନୁହେଁ ଯଦି ଗୋଟିଏ ଗୋତ୍ରରେ ପୁଅ ଏବଂ ଝିଅଙ୍କର ହୋଇଯାଇଥାନ୍ତି ତେବେ ବିବାହ ହୋଇନଥାଏ ।ଆଜି ଆମେ ଆପଣଙ୍କୁ କହିବାକୁ ଯାଉଛୁ କାହିଁକି ଆମ ସମାଜରେ ଗୋଟିଏ ଗୋତ୍ରାରେ ବିବାହ କରିବାକୁ ଦିଆ ଯାଇନଥାଏ ? ଏହା ପଛର କାରଣ ଜାଣି ରଖନ୍ତୁ । ହିନ୍ଦୁ ଧର୍ମରେ ଯଦି ଗୋଟିଏ ଗୋତ୍ରରେ ପୁଅ ଏବଂ ଝିଅ ହୋଇଥାନ୍ତି ତାଙ୍କର ବିବାହ କରାଯାଏ ନାହିଁ




କାରଣ ଗୋଟିଏ ଗୋତ୍ରର ଲୋକ ଭାଇ –ଭଉଣୀ ବୋଲି ମନେକରାଯାଏ, ତେଣୁ ସେମାନେ ସ୍ୱାମୀ-ସ୍ତ୍ରୀ ହୋଇପାରିବେ ନାହିଁ।
ସେଭଳି ଗୋଟିଏ ଗୋତ୍ରରେ ବିବାହ ନକରିବାର ଆଉ ଏକ କାରଣ ରହିଛି। ତାହା ହେଲା ସନ୍ତାନ ଜନ୍ମ ହେବା ବେଳେ ବିଭିନ୍ନ ପ୍ରକାର ବିକୃତି ଆସିଥାଏ । ତେଣୁ ଗୋଟିଏ ଗୋତ୍ରରେ ବିବାହ ସମ୍ଭବ ନୁହେଁ।

ହିନ୍ଦୁ ଧର୍ମରେ ଯେତେବେଳେ ପୁଅ- ଝିଅଙ୍କର ବିବାହ କରାଯାଏ ତେବେ ଜଣେ ନୁହେଁ ବଂର ୩ଟି ଗୋତ୍ରକୁ ଛାଡିକି ବିବାହ କରାଯାଏ। ମା ବାପା ଓ ଆଈର ଗୋତ୍ରକୁ ଛାଡିବା ପରେ ଯେଉଁ ଗୋତ୍ର ମିଳେ ସେଥିରେ ବିବାହ କରାଯୁବଥାଏ । ଏହି ୩ଟି ଗୋତ୍ରରେ ବିବାହ ଠିକ୍ ନୁହେଁ।

ସେଭଳି ମାନ୍ୟତା ରହିଛି ଯେ , କୌଣସି ନିକଟତମ ସମ୍ପର୍କୀୟଙ୍କୁ ବିବାହ କରିବା ଫଳରେ ପିଲା ଭିତରେ ଯେଉଁ ଜିନ୍ ହୁଏ ସେଥିରେ କିଛି ଦୋଷ ରହିଯାଏ। ଯାହାଫଳରେ ପିଲାମାନଙ୍କର ବିକାଶ ଠିକ୍ ଭାବରେ ହୋଇପାରିନଥାଏ।

# କୋଷ୍ଠ କାଠିନ୍ୟର ଘରୋଇ ଉପଚାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବର୍ତ୍ତମାନ ବୟସ୍କ ହୁଅନ୍ତୁ କିମ୍ୱା ଯୁବକ କୋଷ୍ଠ କାଠିନ୍ୟ ସମସ୍ୟା ସମସ୍ତଙ୍କ ପାଇଁ କଷ୍ଟଦାୟକ ଅଟେ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆମ୍ଭମାନଙ୍କୁ ପେଟକୁ ଭଲ ରଖିବାକୁ ପଡିଥାଏ ଦିନକୁ ଅତିକମରେ ୩ରୁ୪ଲିଟର ପାଣି ପିଇବା ଆବଶ୍ୟକ ଏବେ ତେଲ ମସଲାଜାତୀୟ ଖାଦ୍ୟ ଖାଇବା କମ କରିବା ଆବଶ୍ୟକ।



୧. ତ୍ରିଫଳାର ପାଉଡର –ହରିଡା , ବାହାଡା ଏବଂ ଅଁଳାକୁ ଶୁଖାଇ ପାଉଡର କରନ୍ତୁ ଏବଂ ଏହାକୁ ରାତିରେ ଖାଇବା ପରେ ଦୁଇ ଚାମଚ ଉଷୁମ ପାଣି କିମ୍ୱା ଉଷୁମ ଖିର ସହିତ ପିଅନ୍ତୁ ।

୨. କିସମିସ – କିସମିସରେ ଫାଇବର ଏଙ୍ଗ ଆଣ୍ଟି -ଅକ୍ସିଡାଣ୍ଟ ପ୍ରୁଚର ପରିମାଣରେ ରହିଛି । ୫ରୁ ୬ଟି କିସମିସ ରାତିରେ ଭିଜାଇ ଦିଆନ୍ତୁ ଏବଂ ସକାଳେ ଖାଲି ପେଟରେ ଖାଇ ସେହି ପାଣିକୁ ପିଅନ୍ତୁ

୩. ପିଜୁଳି- ପିଜୁଳିରେ ପ୍ରଚୁର ପରିମାଣରେ ଫାଇବାର ରହିଛି ଏହାକୁ ଆପଣ ଦିନରେ ଯେକୌଣ ସମୟରେ ଫଳ ପରି ଖାଇପାରିବେ।

୪. ଲେମ୍ବୁ ପାଣି- ଲେମ୍ବୁ ପାଣି ଆପଣଙ୍କ ଇନଟେଷ୍ଟାଇନକୁ ସଠିକ କରିବା ସହିତ ମଳଦ୍ୱାରା କ୍ଲିୟର କରିଥାଏ। ଏହା ମଧ ଶରୀରରେ ଡିଟକ୍ସ ପରି କାମ କରିଥାଏ।

୫. ଅଞ୍ଜିର- ଅଞ୍ଜିର ବଜାରରେ ଖୁବ ସହଜରେ ଉପଲଧ ହୋଇଥାଏ। ଏହାକୁ ଆପଣ ଖିର ସହିତ ରାତିରେ ଶୋଇବା ପୂର୍ବରୁ ଖାଇପାରିବେ।

୬. ପାଳଙ୍ଗ -ପାଳଙ୍ଗ ଶରୀରରେ ସୁପର ଫୁଡ ଭାବେ କାର୍ଯ୍ୟ କରିଥାଏ। ପାଳଙ୍ଗ ଶାଗରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହା ପେଟକୁ ସଫା କରିବାରେ ସାହାର୍ଯ୍ୟ କରିଥାଏ। ଆପଣ ଏହାକୁ ଡାଲିରେ କିମ୍ୱା ଶାଗ କରି କିମ୍ୱା ଖାଲି ଜୁସ କରି ମଧ ପିଇପାରିବେ।

# ଆର୍ଥିକ ସଂକଟ କି ? ରସୁଣ ଖାଆନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଖାଦ୍ୟରେ ରସୁଣ ପ୍ରୟୋଗ ଟିକେ ହୋଇଗଲେ ତାର ସ୍ୱାଦ ବଦଳିଯାଏ ସ୍ୱାସ୍ଥ୍ୟ ପାଇଁ ରସୁଣ ବହତୁ ଲାଭକାରୀ ହୋଇଥାଏ। ହାର୍ଟ ରୋଗ ପାଇଁ ରସୁଣ ବହୁତ ଲାଭକାରୀ ହୋଇଥାଏ। ହେଲେ ଖାଦ୍ୟ ବ୍ୟତୀତ ଜ୍ୟୋତିଷ ଶାସ୍ତ୍ରରେ ମଧ ରସୁଣରେ ପ୍ରୟୋଗ ଆର୍ଥିକ ଲାଭ ପାଇଁ କରାଯିବାକୁ କୁହାଯାଇଛି । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଗୋଟିଏ ଛୋଟ ପାଖୁଡା ରସୁଣ ମଧ ଜୀବନରେ ଥିବା ଆର୍ଥିକ ସଂକଟକୁ ସୁଧାରିବା ସହ ଅନ୍ୟ ସମସ୍ୟାରୁ ମଧ ମୁକ୍ତି ଦେଇପାରେ । ଆସନ୍ତୁ ଜାଣିବା ଆପଣଙ୍କ ଜାଣିବା ଆପଣଙ୍କ ଶୋଇଥିବା ଭାଗ୍ୟକୁ ଉଠାଇବାର ପାଇଁ ଜ୍ୟୋତିଷ ଶାସ୍ତ୍ରରେ ଦିଆଯାଇଥିବା କିଛି ଉପାୟ ସମ୍ପର୍କରେ ।



୧. ଆର୍ଥିକ ସଂକଟ ଦୂର କରିବା ପାଇଁ- ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯେଉଁ ଲୋକ ଖୁବ ପରିଶ୍ରମ କରିବା ପରେ ମଧ ଆଶାନୁରୁପ ଫଳ ପାଉ ନାହାଁନ୍ତି ସେମାନେ ଏକ ଲାଲ ରଂଗର କପଡାରେ ଦୁଇ ପାଖୁଡା ରସୁଣ ରଖିକରି ଏକ ପୁଟୁଳି ବନାଇ ଦିଆନ୍ତୁ। ପରେ ରସୁଣର ଏହି ପୁଟୁଳିକୁ ମାଟି ଖୋଳି ପୋତି ଦିଅନ୍ତୁ। ଆପଣଙ୍କ ଆର୍ଥିକ ସମସ୍ୟା ଦୂର ହେବା ସହ ଧନ ବୃଦ୍ଧି ଘଟିବ।

୨. ନକରାତ୍ମକ ଶକ୍ତି ଦୂର କରିବା ପାଇଁ- ଜୀବନରେ ନକରାତ୍ମକ ଶକ୍ତିରେ ପ୍ରଭାବ ଯୋଗୁ କାର୍ଯ୍ୟରେ ବାଧା ଉପୁଜିଥାଏ। ତେଣୁ ଜୀବନରେ ନକରାତ୍ମକ ପ୍ରଭାବରୁ ରକ୍ଷା ପାଇବା ପାଇଁ ମଙ୍ଗଳବାର ବା ଶନିବାର ଦିନ ଏକ ବାଡିରେ ୭ପାଖୁଡା ରସୁଣକୁ ବାନ୍ଧି ଏହାକୁ ଘରର ଛାତ ଉପରେ ରଖି ଦିଅନ୍ତୁ । ଏହା ଦ୍ୱାରା ଜୀବନରେ ସକରାତ୍ମକ ଶକ୍ତିର ବାସ ହୋଇଥାଏ ।

୩. ସଂଚୟ ବଢାଇବା ପାଇଁ- ଯଦି ବହୁ ଚେଷ୍ଟା କରି ବି ଆପଣ ସଂଚୟ କରିପାରୁ ନାହାଁନ୍ତି ତେବେ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଆପଣଙ୍କ ପର୍ସରେ ଶନିବାର ଦିନ ରସୁଣରେ ଏକ ପାଖୁଡା ରଖି ଦିଅନ୍ତୁ।

# ମନ୍ଦାରଫୁଲ ଅନେକ ରୋଗ ପାଇଁ ରାମବାଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମେ ସମସ୍ତେ ପ୍ରାୟ ମନ୍ଦାର ଫୁଲ ସହିତ ଖୁବ ପରିଚିତ । ଯେ କୌଣସି ବାର ହୋଇଥାଉ ଏହା ହନୁମାନଙ୍କୁ ଅର୍ପଣ କରାଯାଇ ଥାଏ । ମନ୍ଦାର ଫୁଲ ଧାର୍ମିକ ସହ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ମଧ୍ୟ ଖୁବ ଉପଯୋଗୀ । ଆୟୁର୍ବେର୍ଦ ରେ ମନ୍ଦାରଫୁଲ କୁ ଅନେକ ରୋଗ ପାଇଁ ବ୍ୟବହାର
କରାଯାଏ । ଏହି ଫୁଲକୁ ବ୍ୟବହାର କରି ଆପଣ ବିଭିନ୍ନ ଶାରୀରିକ ସମସ୍ୟାରୁ ନିଜକୁ ଠିକ ରଖି ପାରିବେ । ଆପଣଙ୍କ ଛୋଟ ଖଣ୍ଡିଆ ଟିକେ କୁ ଠିକ କରିବା ସହିତ ସେକ୍ସ ଲାଇଫକୁ ମଧ୍ୟ ଅନେକ ମାତ୍ରାରେ ଭଲ ଦେଇଥାଏ ।
ଆସନ୍ତୁ ଜାଣିବା ମନ୍ଦାର ଫୁଲର ସ୍ୱାସ୍ଥ୍ୟଗତ ଲାଭ ବିଷୟରେ –



ବ୍ଲଡପ୍ରେସର ନିୟନ୍ତ୍ରଣ କରିଥାଏ - ଯଦି ଆପଣ ହାଇ ବ୍ଲଡ ପ୍ରେସର ସମସ୍ୟାରେ ପ୍ରଭାବିତ ହେଉଛନ୍ତି ତେବେ ମନ୍ଦାର ଫୁଲ ଦ୍ୱାରା ପ୍ରାକୃତିକ ଉପାୟରେ ଠିକ ହୋଇ ପାରିବେ ତେଣୁ ଏହାକୁ ସବୁଦିନ ସକାଳୁ ଜୁସ ବାହାରକରି ସେବନ କରନ୍ତୁ ।ଦେଖିବେ ।ଆରମ୍ ପାଇବେ

ସ୍ମରଣ ଶକ୍ତି ସୁଦୃଢ ହେବ- ମନ୍ଦାରଫୁଲ ଓ ପତ୍ରକୁ ଶୁଖାଇ ଗୁଣ୍ଡ କରନ୍ତୁ। ଏହି ଗୁଣ୍ଡକୁ ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀର ସହିତ ପିଇବା ଦ୍ୱାରା ସ୍ମରଣ ଶକ୍ତି ବଢିବା ସହ ରକ୍ତ ହୀନତା ମଧ୍ୟ ଦୂର ହୋଇଥାଏ ।

ମଧୁମେହ ପାଇଁ ଉପଯୋଗୀ – ମନ୍ଦାରଫୁଲ ପତ୍ରର ରସ ଓ ଫୁଲର ରସକୁ ଆପଣ ମଧୁମେହ ପାଇଁ ଖବୁ ଉପଯୋଗୀ । ସବୁଦିନ ସକାଳୁ ଖାଲି ପେଟରେ ଉଷୁମପାଣି ରେ ମନ୍ଦାର ଫୁଲ ରସକୁ ମିଶାଇ ସେବନ କରନ୍ତୁ ଦେଖିବେ ଧିରେ ଧିରେ ଓଜନ ହ୍ରାସ ହେବା ସହିତ ରକ୍ତ ଶର୍କରା ମଧ୍ୟ ନିୟନ୍ତ୍ରିତ ହେବ ।

କୋଷ୍ଟ୍ରୋଲ ପାଇଁ ହିତକର- ଯଦି ଆପଣ ଉଚ୍ଚ କେଲେଷ୍ଟ୍ରାଲ ଦ୍ୱାରା ଆକ୍ରନ୍ତ ହେଉଛନ୍ତି , ତେବେ ଆପଣ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ଦାରଫୁଲ ରସ ଓ ଉଷୁମ ପାଣି ନିୟମିତ ସେବନ କରିବା ଦ୍ୱାରା ଏହି ସମସ୍ୟାରୁ ଆରମ୍ ପାଇବା ସହ କୋଷ୍ଟ୍ରୋଲ ନିୟନ୍ତ୍ରିତ ରହିବ ଓ ଓଜନ ମଧ୍ୟ ହ୍ରାସହେବ ।

ସୋନ୍ଦର୍ଯ୍ୟ ବିକାଶ କରିଥାଏ – ମନ୍ଦାରଫୁଲ ମୁହଁର ଦାଗ ଦୂର କରିବା ସହ କେଶକୁ ମଧ୍ୟ ସୁନ୍ଦର କରିଥାଏ ମନ୍ଦାରଫୁଲ ପତ୍ରକୁ ବାଟି ମୁହଁରେ ଲଗାଇବା ଦ୍ୱାରା ବ୍ରଣ ଦୂର ହୋଇଥାଏ । ତା ସହିତ ମନ୍ଦାରଫୁଲ କୁ ଶଖାଇ କେଶରେ ତେଲ ସହିତ ବ୍ୟବହାର କଲେ କେଶ ଝାଡିବା ବନ୍ଦ ହେବା ସହିତ ଘନ ମଧ୍ୟ ହୋଇଥାଏ ।

# ପାଟି ଦୁର୍ଗନ୍ଧ ପାଇଁ ଚିନ୍ତାରେ କି ?
## ଘରୋଇ ଉପାୟରେ ବନାନ୍ତୁ ମାଉଥଓାସ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅନେକ ଲୋକଙ୍କ ପାଟିକୁ ଦୁର୍ଗନ୍ଧ ବାହାରିଥାଏ ।ଆଉ କାହା ସହ କଥା ହେଉଥିବାବେଳେ ଏମାନଙ୍କୁ ଲଜ୍ଜିତ ହୋବାକୁ ପଡିଥାଏ ।ତେବେ ପାଟି ଦୁର୍ଗନ୍ଧ ବାହାରିବାର ଅନେକ କାରଣ ରହିଛି ।ଯେମିତିକି ପଟେ ସଫା ନହେବା , ଠିକ ଭାବେ ବ୍ରସ ନକରିବା ଦାନ୍ତରେ ମଇଳା ଜମିବା ମାଢି ରୋଗ ଏବଂ ସାଇନସ୍ ଆଦି । ତେବେ ପାଟି ଦୁର୍ଗନ୍ଧର ପ୍ରଥମ କାରଣ ହୋଇଥାନ୍ତି ବ୍ୟାକ୍ଟେରିୟା ଖାଦ୍ୟ ଖାଇବା ପରେ ମାଉଥଓାସ କରିବା ବହୁତ ଜରୁରୀ ହୋଇଥାଏ ।ତେଣୁ ବଜାରରେ ଅନେକ ପ୍ରକାର ମାଉଥଓାସ୍ ମିଳିଯାଏ ।କିନ୍ତୁ ଆପଣ ଘରେ ବି ଅତି ସହଜରେ କମ୍ ସମୟରେ ମାଉଥାଓାସ୍ ବନାଇପାରିବେ ।ଆଜି ଆମେ ଆପଣଙ୍କ ପାଇଁ ଆଣିଛୁ ଏହାର ଟିପ୍ସ ଖାଦ୍ୟ ଖାଇବା ପରେ ମାଉଥଓାସ୍ କରିବା ବହୁତ ଜରୁରୀ ହୋଇଥାଏ ତେଣୁ ବଜାରରେ ଅନେକ ପ୍ରକାର ମାଉଥଓାସ୍ କରିବା ଜରୁରୀ ହୋଇଥାଏ ।ତେଣୁ ବଜାରରେ ଅନେକ ପ୍ରକାର ମାଉଥଓ୍ାସ୍ ମିଳିଯାଏ । କିନ୍ତି ଆପଣ ଘରେ ବି ଅତି ସହଜରେ କମ୍ ସମୟରେ ମାଉଥଓାସ୍ ବନାଇପାରିବେ । ଆଜି ଆମେ ଆପଣାଙ୍କ ପାଇଁ ଆଣିଛୁ ଏହାର ଟିପ୍ସ ମୁଖ ଦୁର୍ଗନ୍ଧକୁ ଦୂର କରିବା ପାଇଁ ଆପଣ ଡାଲଚିନି ଏବଂ ଲବଙ୍ଗର ବ୍ୟବହାର କରିପାରିବେ ।ଏହାକୁ ବନାଇବା ପାଇଁ ପାଣିରେ ୧୦-୧୫ ବୁନ୍ଦା ଡାଲଚିନି ଏବଂ ଲବଙ୍ଗର ତେଲ ପକାଇ ପାରିବେ । ଏହାକୁ ଏକ ବୋତଲରେ ରଖି ମାଉଥଓାସ୍ ଭଳି ବ୍ୟବହାର କରିପାରିବେ ଆପଲ ଭିନେଗାରର ମଧ୍ୟ ବ୍ୟବହାର କରିପାରିବେ ।ଏହା ଦାନ୍ତ ପାଇଁ ବହୁତ ଲାଭକାରୀ ହୋଇଥାଏ ।ଏଥିପାଇଁ ଏକ କପ୍ ଗରମ ପାଣିରେ ୩ ଚାମଚ ଆପଲ



ଭଲଭାବେ ମିଶାଇ ଦିଅନ୍ତି ଏବଂ ବ୍ରଣ କରିବା ପରେ ଏହାକୁ ବ୍ୟବହାର କରନ୍ତୁ । ଦେଖିବେ ।ଏହାମୁଖ । ଆପଲ ଭିନେଗାରର ମଧ୍ୟ ବ୍ୟବହାର କରିପାରିବେ ।ଏହା ଦାନ୍ତ ପାଇଁ ବହୁତ ଲାଭକାରୀ ହୋଇଥାଏ ।ଏଥିପାଇଁ ଏକ କପ୍ ଗରମ ପାଣିରେ ୩ ଚାମଚ ଆପଲ ଭିନେଗାରକୁ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ବଶ୍ର କରିବା ପରେ ଏହାକୁ ବ୍ୟବହାର କରନ୍ତୁ ।ଦେଖିବେ ଏହା ମୁଖ ଦୁର୍ଗନ୍ଧ ଦୂର କରିବା ସହିତ ଦାନ୍ତ ଖରାପ ହେବା ଠାରୁ ରକ୍ଷା କରିଥାଏ ।ଆପଣ ପାଟି ଦୁର୍ଗନ୍ଧ ପାଇଁ ଚିନ୍ତାରେ ଥିଲେ ବେକିଙ୍ଗ ସୋଡାକୁ ବ୍ୟବହାର କରୁ ଏହାକୁ ଦୂର କରିପାରବେ। ଏଥିପାଇଁ ଏକ କପ୍ ପାଣିରେ ୮-୧୦ ବୁନ୍ଦା ପୋଦିନା ଏବଂ ଟି ଟ୍ରୀ ଅଏଲ ମିଶାନ୍ତୁ ଏବଂ ଭଲଭାବେ ମକ୍ସଲର କରିନିଅନ୍ତୁ। ପରେ ଏକ ଚାମଚ ବେକିଙ୍ଗ ସୋଡା ମିଶାଇ ଦିଅନ୍ତୁ ଏବଂ ମାଉଥଓାସ୍ ଭଳି ବ୍ୟବହାର କରନ୍ତୁ।

# ମଧୁମେହ ରୋଗୀ ମାନେ ରକ୍ତ ଶର୍କରା ନିୟନ୍ତ୍ରଣ କରିବା ପାଇଁ ହଳଦୀ ସହିତ ଏହି ୨ଟି ଜିନିଷକୁ ମିଶାନ୍ତୁ

☐ ମଧୁମେହ ଗୋଟିଏ ଏପରି ରୋଗ ଅଟେ। ଯାହା ଅଧିକାଂଶ ରୋଗର କାରଣ ଅଟେ। ତେଣୁ ମଧୁମେହ ରୋଗୀ ମାନଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିବା ଖବୁ ଜରୁରୀ ଅଟେ। ମଧୁମେହ ରୋଗୀ ମାନଙ୍କ ପାଇଁ ଔଷଧ ଯେମିତି ଆବଶ୍ୟକ ସେତିକି ଜରୁରୀ ଅଟେ ବାଲାନ୍ସ ଡାଏଟ୍ ନିଜ ଖାଦ୍ୟରେ ଏମିତି କିଛି ଜିନିଷକୁ ସାମିଲ୍ କରିବା ଉଚିତ୍ ଯାହା ଆମର ଇମ୍ୟୁନିଟି ମଧଷ୍ଟ୍ରଙ୍ଗ ହେବ।

☐ ରକ୍ତ ଶର୍କରା ସ୍ତରକୁ ହଳଦୀ ଖୁବ୍ ଭଲ ଭାବରେ ନିୟନ୍ତ୍ରିତ କରିଥାଏ। ହଳଦୀ ସେବନ ତ୍ୱଚା ର ଚମକ୍ ବଢାଇ ଥାଏ। ଏହାକୁ ଅନ୍ୟ ୨ଟିଜିନିଷ ସହିତ ମିଶାଇ ଖାଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରିତ ହୋଇଥାଏ। ହଳଦୀ ଓ ଅଁଳା ; ଔଷଧୀୟ ଗୁଣ ରେ ଭରପୁର ଅଟେ



ହଳଦୀ ଓ ଅଁଳା

☐ ଏହା ରକ୍ତ ଶର୍କରା ପାଇଁ ଖୁବ୍ ହିତକର। ଭିଟାମିନ ସିରେ ଭରପୁର ଅଁଳା କୋଷ୍ଟ୍ରୋଲ୍ ନିୟନ୍ତ୍ରଣ କରିଥାଏ। ଅଁଳାରେ କ୍ରୋମୀୟନ୍ କାର୍ବୋହାଇଡ୍ରେଟ କୁ ଡାଇଯେଷ୍ଟ କରିବାରେ ସହାୟକ ହୋଇଥାଏ। -ପ୍ରତିଦିନ ରାତିରେ ହଳଦୀ ଓ ଶୁଖିଲା ଅଁଳାକୁ ପାଣିରେ ବତୁରାଇ ରଖନ୍ତୁ।

☐ ହଳଦୀ ଓ ଅଦା ; ମଧୁମେହ ରୋଗୀ ମାନେ ହଳଦୀ ଓ ଅଦା ଖୁବ୍ ହିତକର। ଅଦି ରକ୍ତ ଶର୍କରା କୁ ନିୟନ୍ତ୍ରଣ କରିଥାଏ। ଯଦି ମଧୁମେହ ରୋଗୀ ମାନେ ଗୋଟିଏ ହଳଦୀ ଯୁକ୍ତ ଦୁଗ୍ଧରେ ଅଦା ମିଶାଇ ସେବନ କରିବା ରକ୍ତ ଶର୍କରା ନିୟନ୍ତ୍ରଣ ହୋଇଥାଏ

# ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା, ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ଦୁଃସାହସିକ ସଂଗ୍ରାମ କରି ଓଡ଼ିଶା ଇତିହାସରେ ଅଲିଭା ସ୍ୱାକ୍ଷର ରଚିଥିବା ମହାନ୍ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ପବିତ୍ର ୧୫୮ତମ ଜୟନ୍ତୀ ଉତ୍ସବ ରାଜ୍ୟସ୍ତରୀୟ ସୂଚନା ଓ ଲୋକସଂପର୍କ ବିଭାଗ, କେନ୍ଦୁଝର ସଂଘ ଏବଂ କେନ୍ଦୁଝର ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଥିବା ପରିପ୍ରେକ୍ଷୀରେ ଗତ ୫ ତାରିଖ ସକାଳେ ଭୁବନେଶ୍ୱର, ଜୟଦେବ ବିହାର ନିକଟସ୍ଥ ଇ.ଏସ୍.ଆଇ ହସ୍ପିଟାଲ ରାସ୍ତା ଛକ ସ୍ଥିତ ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ



ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦାନ କରି ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତି ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ଅନ୍ୟ ପଦାଧିକାରୀ, ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବିଭାଗର ଅନୁସଚିବ ଲକ୍ଷ୍ମୀଧର ବେହେରା, ପ୍ରଫେସର ହାଡ଼ିବନ୍ଧୁ ପଟ୍ଟନାୟକଙ୍କ ସମେତ କେନ୍ଦୁଝର ସଂଘ ଏବଂ କେନ୍ଦୁଝର ବିକାଶ ପରିଷଦ, ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅବସରରେ ଏଠାରେ ଉପସ୍ଥିତ ରହି ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ପରଲୋକରେ ପଦ୍ମଶ୍ରୀ ରଜତ କର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପରଲୋକରେ ପଦ୍ମଶ୍ରୀ ରଜତ କୁମାର କର। ୮୮ ବର୍ଷ ବୟସରେ ଆଖି ବୁଜିଛନ୍ତି ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ତଥା ବାଗ୍ମୀ ରଜତ କର। ସ୍ୱାସ୍ଥ୍ୟଗତ ସମସ୍ୟା ଥିବାବେଳେ ତାଙ୍କର ହୃତ୍‌ଘାତରେ ଏକ ଘରୋଇ ମେଡିକାଲ୍‌ରେ ପରଲୋକ ଘଟିଛି। ଟିଭି ଓ ରେଡିଓରେ ରଥଯାତ୍ରାର ଧାରା ବିବରଣୀ ଦେବା କ୍ଷେତ୍ରରେ ସାରା ରାଜ୍ୟରେ ପରିଚିତ ଲାଭ କରିଥିବା ରଜତ କରଙ୍କ ବିୟୋଗରେ ସମସ୍ତେ ସ୍ତମ୍ଭୀଭୁତ।




ଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ସଂସ୍କୃତି ଉପରେ ପ୍ରଚଣ୍ଡ ଜ୍ଞାନର ଅଧିକାରୀ ଥିଲେ ପଦ୍ମଶ୍ରୀ ରଜତ କର। ୨ ଅକ୍ଟୋବର ୧୯୩୪ରେ ଜନ୍ମଗ୍ରହଣ କରିଥିବା ରଜତଙ୍କୁ ୨୦୨୧ରେ ମିଳିଥିଲା ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର।

ଜଗନ୍ନାଥ ଧର୍ମ ଓ ରୀତିନୀତିକୁ ନେଇ ସେ ଅନେକ ସାହିତ୍ୟ ରଚନା କରିଥିଲେ। ତାଙ୍କର ପ୍ରଖ୍ୟାତ ପୁସ୍ତକଗୁଡ଼ିକ ହେଲା ଜନ ଜୀବନରେ ଜଗନ୍ନାଥ, ଅନନ୍ୟ ଜଗନ୍ନାଥ ଅନୁଭୂତିରେ ଅନ୍ଧପୁଟୁଳୀ, ଚନ୍ଦନ ହଜୁରୀ, ଜଣାଣ ଜଣାଉଛି ଜଗନ୍ନାଥଙ୍କୁ, ବାଇଶି ପାବଚ୍ଛ ଇତ୍ୟାଦି।

# ବାଚସ୍ପତିଙ୍କୁ ବିଜୁବାବୁଙ୍କ ସତନ୍ତ୍ର ଚିତ୍ର ଉପହାର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଏବଂ ଜୀବନୀ ଉପରେ ପର୍ଯ୍ୟବସିତ ପାଞ୍ଚଟି ସତନ୍ତ୍ର ଚିତ୍ର ଓଡ଼ିଶା ଲାଇଭ୍ ମେଡିଆ ନେଟ୍‌ୱାର୍କ ପକ୍ଷରୁ ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଚିତ୍ରଗୁଡ଼ିକୁ ପ୍ରସିଦ୍ଧ ଓଡ଼ିଆ ଚିତ୍ରକାର ଶ୍ରୀ ବଳଦେବ ମହାରଥା ପ୍ରସ୍ତୁତ କରିଛନ୍ତି। ବିଜୁବାବୁ ଓଡ଼ିଆ ଆସ୍ମିତା, ଜାତୀୟତା ଓ ସ୍ୱାଭିମାନର ପ୍ରତୀକ। ସେ ଜଣେ ବ୍ୟକ୍ତି ନ ଥିଲେ ବରଂ ସଂଗଠକ ଥିଲେ। ତାଙ୍କର ଉତ୍ସର୍ଗୀକୃତ ଜୀବନ ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ। ଏହି ସ୍ୱତନ୍ତ୍ର ଚିତ୍ରଗୁଡ଼ିକ ବିଧାନସଭାର ଶୋଭାବର୍ଦ୍ଧନ କରିବା ସହିତ ବିଧାନସଭାର ସଦସ୍ୟସଦସ୍ୟା ଓ କର୍ମଚାରୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି



ବାଚସ୍ପତି ଡଃ. ପାତ୍ର ଆଶା ପ୍ରକାଶ କରିଛନ୍ତି। ଏଥି ସହ ଚିତ୍ର ପ୍ରଦାନକାରୀ ଅନୁଷ୍ଠାନକୁ ବାଚସ୍ପତି ଡଃ. ପାତ୍ର ସାଧୁବାଦ ଜ୍ଞାପନ କରିଛନ୍ତି। ବିଜୁ ବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠାନ ତରଫରୁ ୨୦୧୬ ମସିହାରେ ଏହି ସ୍ୱତନ୍ତ୍ର ଚିତ୍ରଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା।

# ପରିବେଶ ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରନ ସମ୍ପର୍କିତ ଗୃହକମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ପରିବେଶ ପ୍ରଦୂଷ ପ୍ରତିରୋଧ ଓ ନିୟନ୍ତ୍ରଣ ସଂପର୍କିତ ଅନୁଧାନ ପାଇଁ ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଗୃହ କମିଟି ବୈଠକ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ଗତ ୫ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି।

ବାଚସ୍ପତି ଡଃ. ପାତ୍ର କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିବା ସହିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି। କମିଟିର ସଦସ୍ୟମାନେ ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା, ଶିଳ୍ପସଂସ୍ଥା ଦ୍ୱାରା ବିଭିନ୍ନ ଜଳାଶୟକୁ ଛଡ଼ାଯାଉଥିବା ପ୍ରଦୂଷିତ ଜଳ, ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବିଶୁଦ୍ଧିକରଣ ଉପରେ ଆଲୋଚନା କରିଥିଲେ। ଚଳିତବର୍ଷ ନୂତନ ସବ୍‌କମିଟି ଗଠନ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ



କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବାଚସ୍ପତି ଡଃ ପାତ୍ରଙ୍କୁ ଅନୁରୋଧ କରିଥିଲେ। କମିଟିମାନେ କୌଣସି ଜିଲ୍ଲାକୁ ଗସ୍ତ କରିବା ପୂର୍ବରୁ ସ୍ଥାନୀୟ ବିଧାୟକମାନଙ୍କୁ ଅବଗତ କରିବା ପରମ୍ପରାକୁ ଅବ୍ୟାହତ ରଖିବାକୁ ବାଚସ୍ପତି ଡଃ ପାତ୍ର ପରାମର୍ଶ ଦେଇଛନ୍ତି। ନୂତନ ସବ୍‌କମିଟି ଗଠନ ହେଲା ପରେ ସଦସ୍ୟମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ପରିବେଶ ପ୍ରଦୂଷଣ ସମ୍ପର୍କିତ ରିପୋର୍ଟ ମୁଖ୍ୟ କମିଟିକୁ ବିଚାର ନିମନ୍ତେ ପ୍ରଦାନ କରିବେ ବୋଲି ବାଚସ୍ପତି ଡଃ ପାତ୍ର ପ୍ରକାଶ କରିଛନ୍ତି। ପରିବେଶ ପ୍ରଦୂଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ପରିବେଶ ପ୍ରଦୂଷଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ପରିବେଶ ପ୍ରଦୂଷଣ ଉପରେ ରୋକ ଲଗାଯାଇପାରିବ ବୋଲି ବିରଷ୍ଠ ବିଧାୟକ ଅମର ଶତପଥି ପ୍ରକାଶ କରିଛନ୍ତି।

# ରାଜ୍ୟର ସାଂସ୍କୃତିକ ଦଳଙ୍କ ପାଇଁ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସଂସ୍କୃତି ଭବନରେ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି ଯେ କଳାକାର ଓ ସାଂସ୍କୃତିକ ଦଳମାନଙ୍କର ବହୁଦିନର ଆକାଂକ୍ଷା ଆଜି ପୂର୍ଣ୍ଣ ହୋଇଛି। କଳାକାର ଓ ସାଂସ୍କୃତିକ ଦଳମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ସରକାର ଓ ବିଭାଗ ସବୁବେଳେ ଚେଷ୍ଟା କରିଆସିଛି। ତା'ର ସଦ୍ୟତମ ପ୍ରମାଣ ହେଉଛି ଏହି ବ୍ୟବସ୍ଥାର ଶୁଭାରମ୍ଭ। ପ୍ରଯୁକ୍ତିବିଦ୍ୟାପ୍ରସୂତ ଏହି ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସାଂସ୍କୃତିକ ଦଳମାନଙ୍କର ବିବିଧ କାର୍ଯ୍ୟଗୁଡ଼ିକୁ ସହଜ ଓ ସୁବିଧାରେ କରିବା ପାଇଁ ସିଟିଏମ୍‌ଏସ୍ ଆପ୍ଲିକେସନ୍ ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ଶେଷ ସମୟରେ ଉପୁଜୁଥିବା ଅସୁବିଧାଗୁଡ଼ିକୁ ଏଡ଼ାଇ ଦିଆଯିବା ସହିତ



ସମସ୍ତଙ୍କୁ କଳାପରିବେଷଣ କରିବାକୁ ସମାନ ସୁଯୋଗ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି।

ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭାଗ ତରଫରୁ ସେମାନଙ୍କୁ ପ୍ରେରଣ କରାଯାଇଥାଏ। ଏହି ପ୍ରକ୍ରିୟାକୁ ସହଜ, ସୁଗମ୍ୟ ତଥା ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅନୁଷ୍ଠାନମାନେ ଆସନ୍ତା ଜୁନ୍ ୧୫, ୨୦୨୨ ସୁଦ୍ଧା ଆବଶ୍ୟକୀୟ ସୂଚନା ସହ ctms-ollc.in ମାଧ୍ୟମରେ ନିଜକୁ ପଂଜୀକୃତ କରିନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଅନୁରୋଧ କରିଛନ୍ତି।

# ପାରାଦୀପରେ ଡ୍ରେନେଜ୍ ବିପର୍ଯ୍ୟସ୍ତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ସହରରେ ଡ୍ରେନେଜ୍ ଅବ୍ୟବସ୍ଥା ଯୋଗୁଁ ନିକଟରେ ହେବାକୁ ଥିବା ଲଘୁଚାପ ଜନିତ ବର୍ଷା ଜଳରେ ଅଂଚଳବାସୀ ଜଳବନ୍ଦୀ ହେବାର ଆଶଙ୍କା ସୃଷ୍ଟି

**ଆସନ୍ନ ଲଘୁଚାପ ବର୍ଷାରେ ଜଳବନ୍ଦୀ ହୋଇପାରେ ସହର**

ହୋଇଛି। ସହର ଓ ବସ୍ତି ମାନଙ୍କର ବର୍ଜ୍ୟ ଜଳ ନିଷ୍କାସିତ ହେଉଥିବା, ଅଧିକାଂଶ ଡ୍ରେନ ଗୁଡ଼ିକର ଅନେକାଂଶ ପୋତି ହୋଇଯାଇଥିବା ବେଳେ ବର୍ଷା ଅସରାଏ ହେଲେ ଲୋକଙ୍କ ଘରେ ପାଣି ପଶିବାଟା ନିଶ୍ଚିତ। ଜଳ ନିଷ୍କାସନର ପ୍ରମୁଖ ପଥ କପିଳଯୋର କ୍ରିକ୍‌ଟି ଦଳରେ ପୂର୍ଣ୍ଣ ହୋଇ ପଥ ଅବରୋଧ କରିଛି। ପାରାଦୀପ ପୌର ପାଳିକା ଦୀର୍ଘ ବର୍ଷ ହେବ ଏହି କ୍ରିକ୍‌କୁ ସଫା ନ କରିବା ଦ୍ୱାରା



ଏହାର ପରିଣାମ ଭୋଗିବେ ପାରାଦୀପ ସହରବାସୀ। ବିଗତ ଦିନରେ ଏହି କପିଳ ଯୋରୀ କୁ ସଫେଇ କରିବା ପାଇଁ ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟଙ୍କୁ କୁହାଯାଇଥିଲା ଏବଂ ଏହା ବ୍ୟୟବହୁଳ ଓ ପୌରପାଳିକା କାହିଁକି ଏହାକୁ ସଫା କରିବ ବୋଲି ଓଲଟା ସେ କହିଥିଲେ। ରାଜ୍ୟର ବିତଶାଳୀ ପୌରପାଳିକାର ନିର୍ବାହୀ ଅଧିକରୀ ଯଦି ପାରାଦୀପବାସୀଙ୍କ ସମୂହ ସ୍ୱାର୍ଥ ପାଇଁ ଚିନ୍ତିତ ନୁହଁନ୍ତି ତେବେ ବର୍ଷା ହେଲେ ପାରାଦୀପବାସୀ ଜଳବନ୍ଦୀ ହେବେନି ତ ଆଉ କିଏ ହେବ। ସଂପ୍ରତି ସମ୍ଭାବ୍ୟ ଲଘୁଚାପ ବର୍ଷା ଯୋଗୁଁ ଜଳ ନିଷ୍କାସନ ନହେବାର ସମ୍ଭାବନା ସୃଷ୍ଟି ହୋଇଛି ଯାହାକି ସହର ବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସୂଚନା ଥାଉକି, ଗତ ପୌର ନିର୍ବାଚନରେ ବର୍ଷା ଜଳ ନିଷ୍କାସନ ମୁଖ୍ୟ ମୁଦ୍ଦା ହୋଇଥିବା ବେଳେ ପୌରପରିଷଦ ଗଠନ ହେବା ପରେ ଆଜି ପର୍ଯ୍ୟନ୍ତ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେବେ ପ୍ରଶାସନ ଜରୁରୀକାଳିନ ଭିତିରେ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି। ଅନ୍ୟ ପକ୍ଷରେ ଶନିବାର ଦିନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବିଭିନ୍ନ ୱାର୍ଡର ପାରିଷଦଙ୍କ ସହ ବୁଲି ସ୍ଥିତିର ସମୀକ୍ଷା କରିଛନ୍ତି।

# କୁକୁଡାର ର କଳିଜା ଖାଉଥିବା ୯୦ପ୍ରତିଶତ ଲୋକ ଜାଣି ନାହାନ୍ତି ଏହି ବଡ କଥା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମେ ଆଜି ଏଠି କହିବାକୁ ଯାଉଛୁ କି କୁକୁଡାର କଳିଜା ଖାଇବାର ଲାଭ କଣ ହୋଇଥାଏ।

ଆପଣ ଜାଣିଛନ୍ତି କି ଲୋକ ଚିକେନ୍ ଖାଇବାକୁ ବହୁତ ପସନ୍ଦ କରିନ୍ତ ଆଉ ଖାଇବା ବି ଦରକାର କାରଣ ଚିକେନ୍ ଖାଇବାର ବହୁତ ଗୁଡିଏ ଲାଭ ହୋଇଥାଏ ଚିକେନ୍ ଖାଇବା ଦ୍ୱାରା ଆମ ଶରୀରକୁ ଶକ୍ତି ଓ ବଳ ମିଳିଥାଏ କାହିଁକିନା ଚିକେନ୍ ରେ ବହୁତ ପରିମାଣରେ ପ୍ରୋଟିନ୍, ଭିଟିମିନ ଓ ଖଣିଜ ଲବଣ ପାଇଥାଉ ଯାହା ଆମ ଶରୀର ପାଇଁ ବହୁତ ଆବଶ୍ୟକ ଅଟେ ସେହିଭଳିଆ ସେ ଚିକେନ୍ କଳିଜାବି ଆମମାନଙ୍କ ପାଇଁ ବହୁତ ଦରକାରୀ ଅଟେ କାରଣ କୁକୁଡା କଳିଜା ରେ ବିଭିନ୍ନ ଭିଟାମିନ, କ୍ୟାଲସିୟମ ଫାଇବ, ଆଇରନ ପରିପୂର୍ଣ୍ଣ ମାତ୍ରରେ ମିଳିଥାଏ



ତାସହିତ ଆଖି,ମୁଣ୍ଡ ପାଇଁ ଭିଟାମିନ ବହୁତ ଲାଭ ଦାଇ ଅଟେ ଯେଉଁଟାକି କାଲିଜାରେ ଭରପୁର ମାତ୍ରରେ ମିଳିଥାଏ ଆମେ କ୍ୟାଲସିୟମ କଥା କହିବାତ ଏ ଦାନ୍ତ ହାଡ କରିବାରେ ବହୁତ ସାହାଯ୍ୟ କରିଥାଏ। ବହୁତ ଲୋକ ଚିକେନ୍ କଳିଜା ଖାଆନ୍ତି ନାହିଁ କାରଣ ଏହାର ସ୍ୱାଦ ଜମା ଭଲ ଦାଇ ଅଟେ ଯେଉଁ କୁହନ୍ତି କି ସବୁବେଳେ ଯିଏ ଆମ ଶରୀର ପାଇଁ ଭଲ ତାର ସାଦ ଭଲ ଲାଗେ ନାହିଁ ଆଜି ଆମେ ଏଠି କହିବୁକି ଚିକେନ୍ କଳିଜା ଖାଇବା ଦ୍ୱାରା କଣ ହୋଇଥାଏ।

ଚିକେନ କଳିଜା ରେ ଭିଟାମିନ -ଏ ଥାଏ ଯାହା ଆମଶରୀରକୁ ଶକ୍ତି ଯୋଗାଇ ଥାଏ ଗୋଟେ ସପ୍ତାହରେ ୩ଦିନ କଳିଜା ଖାଇବା ଦ୍ୱାରା ଆମ ଶରୀର ମାନସିକ ଓ ଶାରିରିକ ଦୁର୍ବଳତା କମିଯାଇଥାଏ ସାଙ୍ଗମାନେ ଦ୍ୱିତୀୟ ଲାଭ ହେଉଛି କୁକୁଡା କଲୀଜାରେ ଭରପୁର ମାତ୍ରାରେ ଜୀଙ୍କ ପାଇଥାଉ ଯାହା ଆମ ହଜମ ଶୈଳୀକୁ ଦୃଢ କରିଥାଏ ଆଉ ତାହାସହିତ ପେଟ ରୋଗ ମଧ୍ଯ ଦୁର କରିଥାଏ, ଭୋକ ବଢେଇବାର ବି କାର୍ଯ୍ୟ ଏ କରିଥାଏ। ତୃତୀୟ ଲାଭ ହେଉଛି ଏ ଗୋଟେ ପୁରୁଷ ପାଖରେ ତାର ପୁରୁଷତ୍ୱ କୁ ବଢେଇଥାଏ କୁକୁଡା କଲୀଜାରେ ଭରପୁର ମାତ୍ରାରେ ପୋଟାସୀୟମ, ମଗ୍ନେସିୟମ, ଖଣିଜଲବଣ ଭରା ମାତ୍ରାରେ ପାକଥାଉ। ଯାହା ପୁରୁଷଙ୍କ ପୁରୁଷତ୍ୱ ବଢାଇ ଥାଏ। କଳିଜା ଖାଇବା ଦ୍ୱାରା ପୁରୁଷ ମାନଙ୍କ ମଧ୍ୟରେ ଶାରୀରିକ ଶକ୍ତି ମାନସିକ ଶକ୍ତି ବଳ ଆଦି ବଢିଯାଇ ଥାଏ। ଚତୁର୍ଥଲାଭ କୁକୁଡା କଳିଜା ଖାଇବା ଦ୍ୱାରା ଆମ ଆଖି ସୁସ୍ତ ରହେ।

# ଓଡ଼ିଶାରେ ସବୁଦିନେ ରହିବାକୁ ଇଚ୍ଛା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଲିଉଡ୍ ଅଭିନେତା ଅର୍ଜୁନ୍ ରାମ୍‌ପାଲ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଜନତା ମଇଦାନରେ ଓଡ଼ିଶା ଓମେନ୍‌ସ୍ ମେଳା-୨୦୨୨ ଚାଲିଥିବା ବେଳେ ଏଥିରେ ଯୋଗଦେବାକୁ ଓଡ଼ିଶା ଆସିଛନ୍ତି ଅର୍ଜୁନ୍। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କିଛି ପ୍ରସଙ୍ଗରେ ଆଲୋଚନା କରିଥିଲେ। ସାକ୍ଷାତ୍‌ରେ ସିଏ କହିଛନ୍ତି ଓଡ଼ିଶାର ସୁନ୍ଦର ପରିବେଶ ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ କାରୁକାର୍ଯ୍ୟ ତାଙ୍କୁ ଆକୃଷ୍ଟ କରିଛି। ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଥିବା ବେଳେ ଏହିଠାରେ ହିଁ




ସବୁଦିନ ପାଇଁ ରହିବାକୁ ଇଚ୍ଛା ଥିବା କହିଛନ୍ତି। ଏହି ସାକ୍ଷାତ୍ ସମୟରେ ଅର୍ଜୁନ୍‌ଙ୍କ ସହ ଓଡ଼ିଶାର ମହିଳା ଉଦ୍ୟୋଗୀ ସ୍ୱୀକୃତି ପଟ୍ଟନାୟକ ଉପସ୍ଥିତ ଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

www.samparkabarta.in

SAMPARK BARTA

ODIA WEEKLY





| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |


Vol.5 Issue-48 May 9 to 15, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୪୮ ମଇ ୯ ରୁ ୧୫, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା

## ଖୋର୍ଦ୍ଧା ବଜାରରେ ନିମ୍ନମାନର ଟମାଟୋ ସସ୍ !

### ସବୁଜାଣି ଖାଦ୍ୟ ସୁରକ୍ଷା ଅଧିକାରୀ ଚୁପ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଖୋର୍ଦ୍ଧା ଜିଲ୍ଲାରେ ଦୋକାନୀମାନେ ବ୍ୟବହାର କରୁଛନ୍ତି ଖାଦ୍ୟରେ ନିମ୍ନମାନର ସସ୍। ନିମ୍ନମାନର ସସ୍ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି ଗୁଡିକ ଉପରେ ରୋକ ଲଗାଇବା ସହ ପ୍ରତିଦିନ ରାସ୍ତାକଡ ଦୋକାନ ଗୁଡିକରେ ଚଢାଉ ପାଇଁ ଦାବି।

ଖୋର୍ଦ୍ଧା: ଦିନକୁ ଦିନ ଫାଷ୍ଟଫୁଡ୍‌ର ଚାହିଦା ବଢିବାରେ ଲାଗିଛି। ଖୋର୍ଦ୍ଧା ଜିଲ୍ଲାର ଗଳିକନ୍ଦିରେ ବହୁମାତ୍ରାରେ ଫାଷ୍ଟଫୁଡ୍ ଦୋକାନ ରହିଛି। ସଞ୍ଜ ନଇଁଲେ ଛକ ଛକରେ ରାଜରାସ୍ତା କଡରେ ମେଲି ଯାଉଛି ଫାଷ୍ଟଫୁଡ୍ ଦୋକାନୀଙ୍କ ପସରା। କିନ୍ତୁ ଦୋକାନୀମାନେ ବ୍ୟବହାର କରୁଥିବା ନିମ୍ନମାନର ସସ୍ ପ୍ରତି କାହାର ନଜର ନାହିଁ। ଅଧିକାଂଶ ଦୋକାନୀମାନେ ଗ୍ରାହାକଙ୍କୁ ନିମ୍ନମାନର ସସ୍ ଦେଉଥିବା ଜଣାପଡିଛି। ଦୋକାନୀମାନେ କମ୍ ବ୍ୟୟରେ ଅଧିକ ମୁନାଫା ପାଇବା ପାଇଁ ନିମ୍ନମାନର ଟମାଟୋ ସସ୍ ! ସବୁଜାଣି ଚୁପ୍ ଖାଦ୍ୟ ସୁରକ୍ଷା ଅଧିକାରୀ। ବରଂ ସେମାନଙ୍କ ରୋଗର ବିହନ ବୁଣି ଚାଲିଛନ୍ତି। ଭଲ ଟମାଟୋ ସସ୍ ଯେଉଁଠି କିଲୋ ପ୍ରତି ଦେଢଶହରୁ ଦୁଇଶହ ଟଙ୍କା ବିକ୍ରି ହେଉଛି। ସେଇଠି ଫାଷ୍ଟଫୁଡ୍ ବ୍ୟବସାୟୀମାନେ ୨୫ ରୁ ୩୦ ଟଙ୍କା ଦେଇ ବଜାରରୁ ନିମ୍ନମାନର ଟମାଟୋ ସସ୍ ବ୍ୟବହାର କରୁଛନ୍ତି।

ସଚେତନତା ଅଭାବରୁ ଗ୍ରାହକଟିଏ ଶସ୍ତା ଯୋଗୁଁ ଆକର୍ଷିତ ହୋଇ ଧୀରେଧୀରେ ରୋଗ କିଣୁଛି। ଏଣେ ସରକାରୀ ଖାଦ୍ୟ ଅଧିକାରୀ ସବୁ ଦେଖି ନ ଦେଖିବା ଭଳି ଚୁପ୍ ରହୁଛନ୍ତି। ଦୋକାନଗୁଡିକରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ଯାଞ୍ଚ ନ ହେବା ଦ୍ୱାରା ଦୋକାନୀମାନେ ସାଧାରଣ ଲୋକଙ୍କ ଜୀବନ ସହ ଖେଳୁଛନ୍ତି।

ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିବା ଦୋକାନଗୁଡିକ ଉପରେ ଚଢାଉ କରୁନଥିବା କାରଣରୁ ବ୍ୟବସାୟୀମାନେ ଏହାର ବହୁଳ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ନିମ୍ନମାନର ସସ୍ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି ଗୁଡିକ ଉପରେ ରୋକ ଲଗାଇବା ସହ ପ୍ରତିଦିନ ଖାଦ୍ୟ ସାମଗ୍ରୀ ବିଭାଗୀୟ ଅଧିକାରୀ ଯାଞ୍ଚ କଲେ ଏହାର ସମାଧାନ ହୋଇପାରିବ ବୋଲି ଆଇନଜୀବୀ କହିଛନ୍ତି। ସେପଟେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ସଚିବ। ଘଟଣା ନେଇ ଅବଗତ ଥିବାବେଳେ ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଚଢାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## କୁବେର ଆଏଏସ୍‌ଙ୍କ ଘରୁ ୨୫ କୋଟି ଜବତ

**ଭୋପାଳ(ସଂପର୍କବାର୍ତ୍ତା):-** ଝାଡଖଣ୍ଡର ବରିଷ୍ଠ ଆଇଏଏସ୍ ଅଫିସର ପୂଜା ସିଂଘଲଙ୍କ ଘରୁ ୨୫ କୋଟି ଟଙ୍କା ଜବତ ଆୟ ବର୍ହିଭୂତ ସଂପତ୍ତି ଠୁଳ ଏବଂ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଅଭିଯୋଗରେ ଇଡି ଚଢାଉ କରି ପୂଜା ସିଂଘଲଙ୍କ ଘରୁ ଏହି ଟଙ୍କା ଜବତ କରିଛି। ଜଣେ ଆଇଏଏସ୍‌ଙ୍କ ଘରୁ ଏକକାଳୀନ ଏତେ ଟଙ୍କା ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂଜା ସିଂଘଲ ଏବେ ଝାଡଖଣ୍ଡର ଖଣି ସଚିବ ଦାୟୀତ୍ୱରେ ଅଛନ୍ତି। ବେଆଇନ୍ ଖଣି ଖନନ ଓ ଖଣି ଆବଣ୍ଟନରେ ସେ ଅନୈତିକ ଉପାୟରେ ଏହି ଅର୍ଥ ଉପାର୍ଜନ କରିଥିବା ଅଭିଯୋଗ ହେଉଛି। ସେଥିପାଇଁ ଇଡି ପକ୍ଷରୁ ପୂଜାଙ୍କ ସରକାରୀ ବାସଭବନ ସହିତ ତାଙ୍କ ପରିବାର ସଦସ୍ୟଙ୍କ ଘର ଓ ଅଫିସ୍ ଉପରେ ମଧ୍ୟ ଇଡି ରେଡ କରୁଛି। ଏବେ ବି ଇଡି ପକ୍ଷରୁ ରେଡ ଜାରି ରହିଛି।

## କିଏ ଖାଇବ ପାରାଦ୍ୱୀପ ଲଡୁ ? ଦେବାଶିଷ ନା ସମ୍ବିତ୍ !

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ପାରାଦ୍ୱୀପ ରାଜନୀତିକୁ ନେଇ ବିଜେଡିର ଦୁଇ ନେତା ମୁହାଁମୁହିଁ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଶ୍ରମିକ ଦିବସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଦେବାଶିଷ କହିଛନ୍ତି, ପାରାଦ୍ୱୀପରେ ବିକାଶ କାମ ହେଉନାହିଁ। ଆଉ ଶୃଙ୍ଖଳିତ ଦଳରେ ଥିବାରୁ କିଛି କରିହେଉନାହିଁ। ଯଦି ଲୋକଙ୍କ ସେବା କରିବା ପାଇଁ ସୁଯୋଗ ମିଳେ ତାହାହେଲେ ଏ ମାଟିରେ କେଉଁ ମା' ଆଖିରେ ଲୁହ ରହିବ ନାହିଁ ବୋଲି ଦେବାଶିଷ କହିଛନ୍ତି।




ସେପଟେ ଏହାର ଉତ୍ତର ଦେଇ ବିଧାୟକ କହିଛନ୍ତି, ଯଦି ପାରାଦ୍ୱୀପରେ ବିକାଶ ହୋଇନାହିଁ, ତାହେଲେ ଲୋକେ ତାଙ୍କୁ କାହିଁକି ଭୋଟ୍ ଦେଲେ। ପାରାଦ୍ୱୀପରେ ଦେବାଶିଷଙ୍କ ନିର୍ବାଚନ ଲଢିବା ପ୍ରଶ୍ନରେ ସମ୍ବିତ ଟେର୍ଚ୍ଛା ବାଣ ମାରିଛନ୍ତି। ସମ୍ବିତ କହିଛନ୍ତି, ସ୍ୱପ୍ନ ଦେଖିବା ଭଲ, କିନ୍ତୁ ଦିବାସ୍ୱପ୍ନ ଦେଖିବା ଅତି ଭୟଙ୍କର।

## ଅଗଷ୍ଟ ସୁଦ୍ଧା ଶିକ୍ଷକଙ୍କ ପର୍‌ଫର୍ମାନ୍ସ ରିପୋର୍ଟ ଦିଅ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟର ସବୁ ସ୍କୁଲର ଶିକ୍ଷକଙ୍କ ପ୍ରଦର୍ଶନ ବା ପର୍‌ଫର୍ମାନ୍ସ ରିପୋର୍ଟ ଅଗଷ୍ଟ ଶେଷ ସୁଦ୍ଧା ଦେବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଶିକ୍ଷକଙ୍କ ଶିକ୍ଷାଦାନ ବ୍ୟବସ୍ଥା ସ୍କୁଲ ପରିଚାଳନା ଆଦି ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ତାହାର ରିପୋର୍ଟ ଦେବାକୁ ପକ୍ଷରୁ କୁହାଯାଇଛି।

ପୂର୍ବରୁ ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ସ୍କୁଲକୁ ନିର୍ଦ୍ଦେଶ ଦିଆଯାଇଥିଲା ମାତ୍ର କରୋନା ଲାଗିସ୍କୁଲ ବନ୍ଦ ହୋଇଯାଇଥିବାରୁ ପ୍ରକ୍ରିୟା ବନ୍ଦ ରହିଥିଲା ସ୍କୁଲ ଖୋଲିବା ପରେ ଖୁବଶୀଘ୍ର ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରତ୍ୟେକ ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଏକ ବର୍ଷରେ ୪ଥର ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା କରୋନା ଲାଗି ବ୍ୟବସ୍ଥାରେ ବିଳମ୍ବ ହୋଇଛି। ତେବେ ମାର୍ଚ୍ଚ ମାସ ମଧ୍ୟେ ଯେଉଁ ରିପୋର୍ଟ ମିଳିବାର ଥିଲା ସେ କ୍ଷେତ୍ରରେ କେତେକ ଜିଲାରେ ପ୍ରଧାନ ଶିକ୍ଷକମାନେ ଏହି ନିର୍ଦ୍ଦେଶକୁ କରୁଥିବାବେଳେ ଆଉ କେତେକ ଜିଲାରେ ବ୍ଲକ ଶିକ୍ଷାଧିକାରୀମାନେ ନିର୍ଦ୍ଦେଶକୁ ଅବମାନନା କରୁଥିବା ଜଣାପଡିଛି ଏବେ ଅଗଷ୍ଟ ୩୧ ସୁଦ୍ଧା ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଦେବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି। ଯଦି




ଏହି ସମୟ ସୀମା ମଧ୍ୟରେ ବିଭାଗ ପାଖରେ ରିପୋର୍ଟ ନ ପହଂଚି ତେବେ ସମ୍ପୃକ୍ତ ବିଦ୍ୟାଳୟଗୁଡିକର ଉଭୟ ପ୍ରଧାନ ଶିକ୍ଷକ ଏବଂ ଯେଉଁ ଶିକ୍ଷକଙ୍କ ରିପୋର୍ଟ ପ୍ରଦାନ କରାଯାଇ ନଥିବ ଉଭୟଙ୍କର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେପଟେ ରାଜ୍ୟର କିଛି ଜିଲ୍ଲାରେ ନକଲି ଶିକ୍ଷକ ଧରାପଡିବା ପରେ ଶ୍ରେଣୀରେ ଶିକ୍ଷାଦାନ ଗୁଣାବତ୍ତାକୁ ନେଇ ପ୍ରଶ୍ନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ବିଭାଗ ପକ୍ଷରୁ ଚେତାବାନୀ ଦିଆଯାଇଛି। ସେପଟେ ରାଜ୍ୟର କିଛି ଜିଲାରେ ନକଲି ଶିକ୍ଷକ ଧରିପଡିବା ପରେ ଶ୍ରେଣୀରେ ଶିକ୍ଷାଦାନ ଗୁଣାବତ୍ତାକୁ ନେଇ ପ୍ରଶ୍ନ ଉଠିଥିଲା ଜିଲା ଶିକ୍ଷାଧିକାରୀମାନେ ସମସ୍ତ ଶିକ୍ଷକଙ୍କ ତାଲିକା ସହ ବିଷୟଭିତ୍ତିକ ପରଫର୍ମାନ୍ସ ପ୍ରସ୍ତୁତ କରି ଜିଲାପାଳୟରେ ଦାଖଲ କରିବାକୁ କୁହାଯାଇଛି ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସରେ ୧୧ଟି ପଏଣ୍ଟ ରହିଥିବା ବେଳେ ଆବଶ୍ୟକସ୍ଥଳେ ସ୍କୁଲ କମିଟି ମଧ୍ୟ ଅଧିକ ତଥ୍ୟ ସୁପାରିସ କରିବାକୁ ପରାମର୍ଶ ଦିଆଯାଇଛି।

## ବନ୍ଧା ହେବେ ସାମ୍ବାଦିକ ଅମନ ଚୋପ୍ରା

**ଜୟପୁର(ସଂପର୍କବାର୍ତ୍ତା):-** ଗିରଫ ହେବେ ସାମ୍ବାଦିକ ଅମନ ଚୋପ୍ରା। ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି ହେଲା ଭଳି ଖବର ପରିବେଷଣ କରି ଅଡୁଆରେ ଜାତୀୟ ଗଣମାଧ୍ୟମର ଚର୍ଚ୍ଚିତ ସାମ୍ବାଦିକ ଅମନ ଚୋପ୍ରା। ଅମନଙ୍କୁ ଗିରଫ କରିବା ପାଇଁ ନୋଏଡାରେ ଡେରା ପକାଇଛି ରାଜସ୍ଥାନ ପୋଲିସ୍। ସାମ୍ପ୍ରଦାୟିକ ଶତ୍ରୁତା ସୃଷ୍ଟି ପାଇଁ ଧର୍ମୀୟ ଭାବନାକୁ ଆଘାତ ଦେଲା ଭଳି ଅମନ ଖବର ପରିବେଷଣ କରିଥିବା ଅଭିଯୋଗ ହୋଇଛି। ଦିଲ୍ଲୀର ଡୁଙ୍ଗରପୁର ଘଟଣାରେ ରାଜସ୍ଥାନ ସରକାର ଅଲଓ୍ୱର ଜିଲ୍ଲାରେ ହିନ୍ଦୁ ମନ୍ଦିର ଭାଙ୍ଗି ପ୍ରତିଶୋଧ ନେଇଥିବା ଅମନ ଖବର ପରିବେଷଣ କରିଥିଲେ। ଏ ନେଇ ଅମନଙ୍କ ନାମରେ ଥାନାରେ ଏତଲା ହୋଇଛି। ଅମନଙ୍କ ନାମରେ ପୁପୁଣ୍ଡି, ଅଲଓ୍ୱର ଓ ଡୁଙ୍ଗରପୁର ଜିଲ୍ଲାର ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ଧର୍ମୀୟ ଭାବନାକୁ ଆଘାତ ଦେବା, ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି ପାଇଁ ଉସ୍‌କେଇବା ସହ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଛି। ତେବେ ବୁନ୍ଦି ଏବଂ ଅଲଓ୍ୱର ଜିଲ୍ଲାରେ ହୋଇଥିବା ଦୁଇଟି ମାମଲାରେ ଗିରଫ ନେଇ ଅମନ ରାଜସ୍ଥାନ ହାଇକୋର୍ଟରୁ ରହିତାଦେଶ ପାଇଛନ୍ତି। ହେଲେ ଡୁଙ୍ଗରପୁର ଜିଲ୍ଲାରେ ହୋଇଥିବା ମାମଲାରେ ସେଠାକାର ଏକ କୋର୍ଟ ଅମନଙ୍କ ବିରୋଧରେ ଗିରଫ ଓ୍ୱାରେଣ୍ଟ



ଜାରି କରିଥିବା ପୋଲିସ୍ ସୂଚନା ଦେଇଛି।

ଡୁଙ୍ଗରପୁର ଏସ୍‌ପି ସୁଧିର ଜୋଷୀ କହିଛନ୍ତି ଯେ, ଅମନଙ୍କୁ ଗିରଫ ପାଇଁ ଅମର ଏକ ଟିମ୍ ନୋଏଡାରେ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଗତକାଲି ପୋଲିସ୍‌ର ଏକ ଟିମ୍ ତାଙ୍କ ଘରକୁ ଯାଇଥିଲା। କିନ୍ତୁ ତାଙ୍କର ଦେଖା ମିଳି ନଥିଲା। ତାଙ୍କ ଘର ଗେଟ୍‌ରେ ଚାବି ପଡିଥିଲା। ସେ କହିଛନ୍ତି ଯେ, ହାଇକୋର୍ଟ ଅର୍ଡରରେ ଡୁଙ୍ଗରପୁର ମାମଲା ସମ୍ପର୍କରେ ଉଲ୍ଲେଖ ନାହିଁ। କେବଳ ବୁନ୍ଦି ଏବଂ ଅଲଓ୍ୱର ଜିଲ୍ଲାରେ ହୋଇଥିବା ମାମଲାରେ ନୋଏଡା ପୋଲିସ୍ ତାଙ୍କୁ ସହଯୋଗ କରିନାହିଁ। ଅମନଙ୍କ ଗିରଫଦାରିନେଇ ନୋଏଡା ପୋଲିସ୍ ବାଧା ସୃଷ୍ଟି କରିଛି। ସିଧାସଳଖ ଅମନଙ୍କୁ ଗିରଫ ପୂର୍ବରୁ ସ୍ଥାନୀୟ ପୋଲିସ୍ ଷ୍ଟେସନ୍‌କୁ ଆସି ପରାମର୍ଶ କରିବାକୁ ନୋଏଡା ପୋଲିସ୍ କହିଛି। କିନ୍ତୁ ପୂର୍ବରୁ ନୋଏଡା ପୋଲିସ୍‌କୁ ସବିଶେଷ ତଥ୍ୟ ଦିଆଯାଇଥିବା ଡୁଙ୍ଗରପୁର ଏସ୍‌ପି ସୁଧିର ଜୋଷୀ କହିଛନ୍ତି।

## କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କ୍ରାଇମ୍‌ବ୍ରାଞ୍ଚ ଏଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅରୁଣ ବୋଥ୍ରା। ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅରୁଣ ବୋଥ୍ରା କଟକ କ୍ରାଇମ୍‌ବ୍ରାଞ୍ଚର ମୁଖ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅରୁଣ ବୋଥ୍ରା। କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଅରୁଣ ବୋଥ୍ରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ କରି ଦାୟିତ୍ୱ ନେବା ପରେ ରାଜ୍ୟରେ ଅପରାଧର ସ୍ଥିତି ନିୟନ୍ତ୍ରଣରେ ଥିବା କହିଛନ୍ତି ଅରୁଣ ବୋଥ୍ରା। ସମସ୍ତଙ୍କ ସହଭାଗିତାରେ କାମ କଲେ କ୍ରାଇମ୍‌କୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଅପରାଧିକ ମାମଲାରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ



କୋର୍ଟରେ ଦୋଷୀ ସାବ୍ୟସ୍ତ କରାଇବା କ୍ରାଇମ୍‌ବ୍ରାଞ୍ଚର ପ୍ରଥମ କର୍ତ୍ତବ୍ୟ। ବର୍ତ୍ତମାନ ସାଇବର ଅପରାଧ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି, ଆଗକୁ ଲୋକଙ୍କୁ ଏ ନେଇ ଅଧିକ ସଚେତନ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା କହିଛନ୍ତି। ସେହିପରି ବୁଧବାର ଭୁବନେଶ୍ୱର ଡିସିପି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଆଇପିଏସ୍ ପ୍ରତୀକ ସିଂହ। ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟରେ ସମସ୍ତ ଏସିପି, ଆଇଆଇସିଙ୍କ ସହିତ ଭେଟିବା ପରେ ଦାୟିତ୍ୱ ନେଇଥିଲେ ପ୍ରତୀକ ସିଂହ। କଟକରେ କାମ କରିବାର ଅନୁଭୂତିକୁ ପାଥେୟ କରି ଭୁବନେଶ୍ୱରରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସଜାଡିବେ ବୋଲି ସେ କହିଛନ୍ତି। ବିଭିନ୍ନ ଥାନା ସହିତ ଆଲୋଚନା କରି କେଉଁ ଥାନାରେ କଣ ସମସ୍ୟା ରହିଛି, ପ୍ରଥମେ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଡିସିପି ପ୍ରତୀକ ସିଂହ କହିଥିଲେ।

## ଓଡ଼ିଶା କଂଗ୍ରେସ ନେତାଙ୍କ ସହ ବୈଠକ ପୂର୍ବରୁ ରାହୁଲ ଦେଲେ ବଡ ବାର୍ତ୍ତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କଂଗ୍ରେସ ଏବଂ କନ୍ଦଳ ଏ ଦୁଇଟି ଶବ୍ଦ ଏବେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଯେଉଁଠି କଂଗ୍ରେସ ରହିଛି ସେଠାରେ କନ୍ଦଳ ରହିଛି। ତେଣୁ ସାରା ଦେଶରେ କଂଗ୍ରେସ ଏବେ ଆଗକୁ ବଢିବା କଷ୍ଟକର ହୋଇପଡୁଛି। ଏପରି ସ୍ଥିତିରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ବଳ ଗୋଟାଉଛି କିପରି ଏକତ୍ରିତ ହୋଇ କେନ୍ଦ୍ର ମୋଦି ସରକାରକୁ କଡା ଚ୍ୟାଲେଞ୍ଜ ଦେଇହେବ। ତେଣୁ ଚଳିତ ମାସରେ କଂଗ୍ରେସ ଏକ ଚିନ୍ତନ ଶିବିର ଆୟୋଜନ କରିବାକୁ ଯାଉଛି।

ଆସନ୍ତା ବର୍ଷ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ରହିଛି। ତେଣୁ ଏବେଠାରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାହୁଲ ଗାନ୍ଧୀ ଏହି ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଦଳୀୟ କର୍ମୀ କହିଛନ୍ତି, ଯଦି ଦଳୀୟ ନେତାଙ୍କର ଅଭିଯୋଗ ରହିଛି ତାହେଲେ ଖୋଲିକରି କହିବା ଦରକାର। ହେଲେ ଏହା ଦଳର ଆଭ୍ୟନ୍ତରୀଣ ବ୍ୟାପାର ତେଣୁ ମିଡିଆରେ ନକହି ଆବଶ୍ୟକ ଫୋରମରେ କହିବା କଥା। କାରଣ ଅସନ୍ତୋଷ ମିଡିଆରେ କହିଲେ ଏହା ଦଳର ଭାବମୂର୍ତ୍ତି ଖରାପ କରୁଛି। ଏପରି କଲେ ଆଗାମୀ ଦିନରେ ଦଳ



ବରଦାସ୍ତ କରିବ ନାହିଁ। ରାହୁଲ ଗାନ୍ଧୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଶୃଙ୍ଖଳା ଭିତରେ ରହିବା ପାଇଁ ଦଳୀୟ ନେତାଙ୍କୁ କହିଛନ୍ତି।

ରାହୁଲଙ୍କ ଏପରି ବୟାନ ସେମାନଙ୍କ ପାଇଁ ଅଧିକ ପ୍ରଯୁଜ୍ୟ ଯେଉଁମାନେ ଏବେ ଦିଲ୍ଲୀ ଗସ୍ତ କରୁଛନ୍ତି। ନୂଆ ପିସିସି ସଭାପତି ଏବେ ଦିଲ୍ଲୀ ଗସ୍ତ କରୁଛନ୍ତି। ନୂଆ ପିସିସି ସଭାପତି କିଏ ହେବେ ସେ ନେଇ ଦିଲ୍ଲୀରେ ଡେରା ପକାଇଛନ୍ତି କଂଗ୍ରେସ ନେତା। ଏପରି ସ୍ଥିତିରେ ଅନେକ ନେତା ରହିଛନ୍ତି ଯେଉଁମାନେ ଖୋଲାଖୋଲି ଭାବେ ଦଳୀୟ କନ୍ଦଳ କନ୍ଦଳକୁ ମିଡିଆରେ କହିବାକୁ ଭଲ ଉପଯୁକ୍ତ ଫୋରମ ମନେକରନ୍ତି। ତେଣୁ ୯ ତାରିଖରେ ରାହୁଲ୍ ଗାନ୍ଧୀଙ୍କ ସହ ବୈଠକ ବେଳେ ମିଡିଆରେ ଦଳର ଆଭ୍ୟନ୍ତରିଣ ବିବାଦକୁ ନେଇ ମୁହଁ ଖୋଲିବା ପ୍ରସଙ୍ଗରେ ରାହୁଲ ଗାନ୍ଧୀ ଆଲୋଚନା କରିପାରନ୍ତି। ଯାହାକି ରାଜ୍ୟ କଂଗ୍ରେସର ଗୋଟିଏ ବଡ ପୁରୁଣା ରୋଗ ବୋଲି କୁହାଯାଏ।

ନିକଟରେ ରାଜ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଫଳାଫଳ ପ୍ରକାଶ ପାଇବା ପରେ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶଚନ୍ଦ୍ର ରାଉତରାୟ କହିଥିଲେ କଂଗ୍ରେସରେ ପରସ୍ପର ଭିତରେ କନ୍ଦଳ ରହିଛି। କେହି କାହାରିକୁ ଉପରକୁ ଉଠିବାକୁ ସୁଯୋଗ ଦେଉନାହାଁନ୍ତି। ସେ ପର୍ଯ୍ୟନ୍ତ ଦଳ ଆଗକୁ ବଢିପାରିବ ନାହିଁ। ଦଳରେ ପ୍ରଥମ ଅନୁଶାସନ ଜରୁରୀ ବୋଲି କହିଥିଲେ।

ଓଡ଼ିଶା ଭଳି ଛତିଶଗଡରେ ପାଇଲଟ୍ ଓ ଗେହଲଟ୍ କ୍ୟାମ୍ପ ପରସ୍ପର ବିରୋଧରେ ବୟାନବାଜୀ କରିବା ଦଳକୁ କ୍ଷତି ପହଞ୍ଚାଇଛି। ଏହାବାଦ୍ ଛତିଶଗଡରେ ଭୁପେସ ବାଘେଲ ଓ ଟିଏସ୍ ସିଂଦେଓ ଗୋଟିଏ ଦଳର ନେତା ହେଲେ ମଧ୍ୟ ପରସ୍ପର ପରିପୂରକ। ଏହି ପରିସ୍ଥିତିରେ ଉଭୟେ ସମାନ୍ତରାଳ ଭାବେ କାର୍ଯ୍ୟ କରିବା ବିରୋଧୀ ବିଜେପିକୁ ବେସ୍ ସୁହାଉଛି।

## କୋର୍ଟ ପରିସରରେ ମହିଳାଙ୍କୁ ଗୋଡେଇ-ଗୋଡେଇ ପିଟିଲେ ଓକିଲ

**ଶହଡୋଲ(ସଂପର୍କବାର୍ତ୍ତା):-** ମଧ୍ୟପ୍ରଦେଶର ଶହଡୋଲ ଜିଲ୍ଲା ବେହୁଆରିରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଏଠାରେ ଏକ କୋର୍ଟ ପରିସରରେ ଜଣେ ଓକିଲ ସର୍ବସାଧାରଣ ସାମ୍ନାରେ ଗୋଡେଇ-ଗୋଡେଇ

### ଦର୍ଶକ ପାଲଟିଲେ କାପୁରୁଷ

ମାଡ ମାରିଛନ୍ତି। ମହିଳା ଜଣକୁ ସଡକରେ ଦୌଡୁଥିବା ବେଳେ ପ୍ରତ୍ୟକ୍ଷଦର୍ଶୀ ଅଟକାଇପାରିନାହାଁନ୍ତି। ଶହ ଶହ ଲୋକ କୋର୍ଟ ପରିସରରେ ଛିଡା ହୋଇଥିବା ବେଳେ ମହିଳାଙ୍କୁ କେହି ମଧ୍ୟ ସୁରକ୍ଷା ଦେଇପାରିନାହାଁନ୍ତି।

ଶହଡୋଲ ଜିଲ୍ଲାର କୋର୍ଟ ପରିସରରେ ଜଣେ ଓକିଲ ଭିଡ ଭିତରେ ମହିଳାଙ୍କୁ ମାଡ ମାରିଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଘଟଣାର ଭିଡିଓ ଓକିଲଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କୌଣସି ଏକ ମାମଲାର ସମାଧାନ ପାଇଁ ଓକିଲଙ୍କ ଠାରୁ ପରାମର୍ଶ ନେବାକୁ ମହିଳା ଜଣକ କୋର୍ଟ ଆସିଥିଲେ। ବିବାଦ ଏତେ ବଢିଥିଲା ଯେ, ମହିଳାଙ୍କୁ ଓକିଲ ଚାମ୍ବରରୁ ବାହାର କରିଦେଲେ ଏବଂ ରାସ୍ତାରେ ଗୋଡେଇ ଗୋଡେଇ ମାଡ ମାରିଥିଲେ। ଏହି ପୂରା ଘଟଣା



ସିଭିଲ କୋର୍ଟ ପରିସରରେ ହୋଇଥିଲା। ପୀଡିତ ଲୋକଙ୍କର ସହାୟତା ପାଇଁ ନିବେଦନ କରୁଥିଲେ। କିନ୍ତୁ କେହି ସାମ୍ନାକୁ ଆସୁନଥିଲେ। ଘଟଣା ସଂପର୍କରେ ପୋଲିସ୍ ଅବଗତ ହୋଇଛି। ଏସ୍‌ଡିପିଓ ରବି ପ୍ରସାଦ କାଉଲ୍ କହିଛନ୍ତି, ଘଟଣାସ୍ଥଳରେ ଜଣେ ବ୍ୟକ୍ତି ଘଟଣାକ୍ରମକୁ ମୋବାଇଲ୍‌ରେ ଭିଡିଓ କରି ଭାଇରାଲ୍ ମଧ୍ୟ କରିଛି। ମହିଳାଙ୍କ ଏତଲା କ୍ରମେ ପୋଲିସ୍ ମାମଲା ରୁଜୁ କରିଛି। ମାମଲାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera